ଧରିତ୍ରୀ
DHARITRI
December 26, 2021 - January 1, 2022 ₹ 2/-

# ଛୁଟିଦିନ



# ସଂକଳ୍ପ

ସେମାନେ ସଂକଳ୍ପ ନେଇଛନ୍ତି, ସ୍ୱପ୍ନ ଦେଖିଛନ୍ତି। ସ୍ୱପ୍ନକୁ ଆଗକୁ ନେବାର ବାଟ ବି ତିଆରି କରିଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ନ ହୋଇ ପାରସ୍ପରିକତାରେ ବଞ୍ଚିବାକୁ ଚେଷ୍ଟା କରିବା ସହ ସମସ୍ତ ଯୁବପିଢ଼ିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଗଢ଼ିବାକୁ ଚେଷ୍ଟା କରୁଛନ୍ତି ଗୋଟେ ସୁସ୍ଥ, ସୁନ୍ଦର ପରିବେଶ ଓ ସମାଜ...

୩
ପ୍ରଚ୍ଛଦ ପ୍ରସଙ୍ଗ

କ୍ୟାଲେଣ୍ଡର
୮/୯





ସେଲିବ୍ରିଟି କର୍ନର
୪

# ନୂଆବର୍ଷ କେମିତି ହେବ ସୁଖମୟ

**ହା**ତଗଣତି ଆଉ କେତୋଟି ଦିନ ପରେ ଆମେ ସମସ୍ତେ ସ୍ୱାଗତ କରିବା ନୂଆବର୍ଷ ୨୦୨୨କୁ। ନୂତନବର୍ଷଟି କିପରି ମଙ୍ଗଳମୟ ହେବ ସେଥିପାଇଁ ସଭିଙ୍କ ମନରେ ରହିଥାଏ ବହୁ ଆଶା ଓ ଆକାଂକ୍ଷା। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, କେଉଁ କେଉଁ ଉପାୟ ଅବଲମ୍ବନ କଲେ ନୂଆବର୍ଷଟି ସୁଖମୟ ହୋଇଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...



*ଭଗବାନ ଗଣେଶଙ୍କୁ ବିଘ୍ନନାଶକ ବୋଲି କୁହାଯାଇଥାଏ। ତେଣୁ ନୂଆବର୍ଷ ଅବସରରେ ଘରକୁ ପ୍ରଭୁ ଗଣେଶଙ୍କର ନୂତନ ମୂର୍ତ୍ତିଟିଏ ଆଣି ପୂଜାର୍ଚ୍ଚନା କଲେ ବର୍ଷସାରା ଗୃହରେ ସୁଖଶାନ୍ତି ବଜାୟ ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

*ନଡ଼ିଆକୁ ଯେହେତୁ ଶ୍ରୀଫଳ ବୋଲି କୁହାଯାଇଥାଏ, ତେଣୁ ନଡ଼ିଆ ଭାଙ୍ଗି ନୂତନ ବର୍ଷକୁ ସ୍ୱାଗତ କଲେ ସବୁକିଛି ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

*ଟଙ୍କାର ଅଭାବ ଦେଖାଯାଉଥିଲେ, ନୂଆବର୍ଷ ଦିନ ଘରକୁ ମୟୂରପୁଚ୍ଛଟିଏ କିଣିଆଣନ୍ତୁ। ଆଉ ଶ୍ରୀ କୃଷ୍ଣଙ୍କର ନାମ ନେଇ ମୟୂରପୁଚ୍ଛ କିଣିଲେ ଘରେ ଧନର ଅଭାବ ରହେନାହିଁ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

*ନୂଆବର୍ଷରେ ଘରେ ମନିପ୍ଲାଣ୍ଟ ଗଛ ଲଗାଇବା ବି ଶୁଭ ହୋଇଥାଏ।

*ଲାଫିଙ୍ଗ୍ ବୁଦ୍ଧଙ୍କୁ ସମୃଦ୍ଧିର ପ୍ରତୀକଭାବେ ଗ୍ରହଣ କରାଯାଏ। କିନ୍ତୁ ଏହାକୁ ନିଜେ ନ କିଣି ବରଂ କାହାଠାରୁ ଗିଫ୍ଟ ଆକାରରେ ପାଇଲେ ଶୁଭଫଳ ମିଳିଥାଏ।

*ନୂଆବର୍ଷରେ ପ୍ରଭୁ ହନୁମାନଙ୍କର ପ୍ରତିମାକୁ ଘରର ମୁଖ୍ୟଦ୍ୱାରରେ ସ୍ଥାପନା କଲେ, ଘର ମଧ୍ୟକୁ କୌଣସି ନକାରାତ୍ମକ ଊର୍ଜା ପ୍ରବେଶ କରି ପାରି ନ ଥାଏ। ପ୍ରଭୁ ସଙ୍କଟମୋଚନ ଘର ପ୍ରତି ଆସୁଥିବା ସବୁ ବିପଦକୁ ଖଣ୍ଡନ କରି ଦେଇଥାନ୍ତି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୬,୨୦୨୧- ଜାନୁୟାରୀ ୧, ୨୦୨୨

### ମେଷ



ଶାରୀରିକ ସୁସ୍ଥତା, ଆର୍ଥିକ ଦୁରବସ୍ଥା, କରଜଦାତାଙ୍କ ଚାପ, ବନ୍ଧୁଙ୍କ ସହାନୁଭୂତି, ଯାତ୍ରାରେ ବିଘ୍ନ, ସାହିତ୍ୟକୃତିରେ ପ୍ରଶଂସା, ପାରିବାରିକ ମନାନ୍ତର, ପ୍ରଶାସନିକ ଦ୍ୱନ୍ଦ୍ୱ, ଯାନବାହନର ମରାମତି, ଆନୁଷ୍ଠାନିକ ତତ୍ପରତା, ସହକର୍ମୀଙ୍କ ସୌଜନ୍ୟତା।

### ବୃଷ



ଉନ୍ନତ ଚିନ୍ତା, ନୂତନ ଯୋଜନାରମ୍ଭ, ସ୍ୱାସ୍ଥ୍ୟସମସ୍ୟା ବଢ଼ିବ, ଶତ୍ରୁତାର ସମାଧାନ, ମାନସିକ ଶାନ୍ତି ଫେରିବ, ଜନସମ୍ପର୍କ ବୃଦ୍ଧି, ବନ୍ଧୁ ମିଳନ। ଦେବଦର୍ଶନର ସୁଯୋଗ, ମନୋରଞ୍ଜନର ମଉକା, ପ୍ରକାଶନରେ ବିଳମ୍ବ।

### ମିଥୁନ



ଯାତ୍ରା କାର୍ଯ୍ୟକ୍ରମ ବାତିଲ୍, ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟତା, ସହକର୍ମୀଙ୍କ ମିଥ୍ୟାଭିଯୋଗ, ଜମିଜମା କଳହ, ସୁଯୋଗ ହରାଇବେ, ପଡୋଶୀଙ୍କ ଅସହଯୋଗ, ଶିଳ୍ପ ବାଣିଜ୍ୟରେ ଉନ୍ନତି ।

### କର୍କଟ



କର୍ମାରମ୍ଭରେ ସଂକଟ, ଆପୋସ ଆଲୋଚନା, ମିଳାମିଶାରୁ ମିତ୍ରତା, ପାରିବାରିକ ସହମତି, ଭୋଗବିଳାସରେ ରୁଚି, କର୍ମଧାରାରେ ପରିବର୍ତ୍ତନ, ଆର୍ଥିକ ଅନଟନ, ପରିସ୍ଥିତି ବିଗିଡିବ, ବସ୍ତ୍ରଭୂଷଣ ପ୍ରାପ୍ତି, ଶୁଭ ଖବର ପ୍ରାପ୍ତି।

### ସିଂହ



ଆର୍ଥିକ ଅବନତି, ସହକର୍ମୀଙ୍କ ପ୍ରତାରଣା, କର୍ମକ୍ଷେତ୍ରରେ ବିବାଦ, ସାମାଜିକ ପ୍ରାଧାନ୍ୟତା, ପୁରାତନ ଘର ମରାମତି, ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ, ଯାନ୍ତ୍ରିକ ଜିନିଷ କ୍ରୟ, ଋଣ ପରିଶୋଧର ଚିନ୍ତା।

### କନ୍ୟା



ଅଭିଳାଷ ପୂରଣ, ନୂଆ କାମରେ ମନଦେବେ, ଗୁରୁଜନଙ୍କ ପ୍ରେରଣା, ଆତ୍ମୀୟଙ୍କ ଅନୁରକ୍ତି, ପ୍ରଶାସନିକ ନିର୍ଦ୍ଦେଶ, ବାଣିଜ୍ୟରେ କ୍ଷତି, ପରିସ୍ଥିତି ବଦଳିବ, ହାତପାଦରେ ଆଘାତ।

### ତୁଳା



ନିରୁତ୍ସାହିତ ରହିବେ, ବିସ୍ମୟଜନକ ଖବର, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଦୁଃସାହସିକ କାର୍ଯ୍ୟସମ୍ପନ୍ନ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ପାରିବାରିକ ଭୁଲ ବୁଝାମଣା, ଗୃହସୀମା ବିବାଦ, ଧନହାନିରୁ ମନସ୍ତାପ, ଧର୍ମସଂକଟରେ ପଡିବେ, ରାଜନୈତିକ ଦ୍ୱନ୍ଦ୍ୱ।

### ବିଛା



ନୂତନ ଦାୟିତ୍ୱ ଗ୍ରହଣ, ବନ୍ଧୁଙ୍କୁ ହରାଇବେ, ସମ୍ପର୍କହାନି ଘଟିବ, କର୍ମକ୍ଳାନ୍ତିବୋଧ। ଦେବାର୍ଚ୍ଚନାରେ ଆଗ୍ରହ, ପରୋପକାରରୁ ପ୍ରଶଂସା, ଦୂରଯାତ୍ରାର ସୁଯୋଗ। ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ମାନସିକ ଦ୍ୱନ୍ଦ୍ୱ, ହଜିଥିବା ଜିନିଷ ପାଇବେ।

### ଧନୁ



ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଅସଂଯମତାରୁ ବିବାଦ, କାର୍ଯ୍ୟଦକ୍ଷତାରୁ ସମ୍ମାନ। ଖର୍ଚ୍ଚଭାର ବଢ଼ିବ, ଟେନ୍‌ସନ ଲାଗି ରହିବ, ମୂଲ୍ୟବାନ ଦ୍ରବ୍ୟ ପାଇବେ, ପାରିବାରିକ ଶାନ୍ତି, ବ୍ୟବସାୟିକ ଉତ୍କର୍ଷତା, ଧାତୁ ଅଳଙ୍କାର କ୍ରୟ, ଯାନବାହନର ମରାମତି।

### ମକର



କାର୍ଯ୍ୟହାନିରୁ ମନସ୍ତାପ, ବନ୍ଧୁ ଆସିବେ, ପରିସ୍ଥିତି ବିଗିଡିବ, ମାମଲାରେ ଛନ୍ଦି ହେବେ, ପଦସ୍ଥବ୍ୟକ୍ତିଙ୍କ ସହଯୋଗ, ବ୍ୟବସାୟରେ ଲାଭ। ଆତ୍ମୀୟଙ୍କ ପ୍ରତାରଣା, କଳାପ୍ରିୟ ହେବେ, କ୍ରନିକ ରୋଗରେ ପୀଡା।

### କୁମ୍ଭ



ବିବାଦ ତୁଟିଯିବ, ପ୍ରତିବାଦୀ ହାରିଯିବେ, ବନ୍ଧୁବର୍ଗଙ୍କ ପ୍ରଶଂସା, ରୋଜଗାର ବଢ଼ିବ, ଯାନବାହନ କ୍ରୟ, ଶିକ୍ଷା ପରୀକ୍ଷାରେ ସଫଳତା, ଧାରକରଜ କରିବେ, ପାରିଶ୍ରମିକ ପାଇବେନି, ସମାଲୋଚିତ ହେବେ, ମିତ୍ରବନ୍ଧୁ ସମାଗମ।

### ମୀନ



କର୍ମଜଞ୍ଜାଳ ବୃଦ୍ଧି, ଫୁରସତ୍ ମିଳିବନି, ଅବହେଳିତ ଫାଇଲ୍ କାମ, ସାମ୍ବାଦିକତାରୁ ସମ୍ମାନ, କାମ ଅସମ୍ପୂର୍ଣ୍ଣ ରହିବ, ବନ୍ଧୁଙ୍କ ଅପପ୍ରଚାର, ନୂତନସମ୍ପର୍କ ସୃଷ୍ଟି, ବ୍ୟବସାୟରେ ପ୍ରତିବନ୍ଧକ, ବନ୍ଧୁଙ୍କ ପ୍ରେରଣା, ବିଦେଶଯାତ୍ରାରେ ରୋକ୍, ସନ୍ତାନଙ୍କ କୃତିତ୍ୱ।

# ନିଜ ଖୁସି ନିଜ ହାତରେ



**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ଘରକୁ ଯେ କେବଳ କିଛି ନୂଆ ଜିନିଷ କିଣି ଆଣିଲେ କିମ୍ବା କିଛି ନୂଆ ଉପାୟ ଅବଲମ୍ବନ କଲେ ନୂଆବର୍ଷର ଖୁସି ବଢ଼ିଯିବ, ତାହା ଭାବିବା ଠିକ୍ ନୁହେଁ। ଏଥିପାଇଁ ନିଜକୁ ବି କିଛି ହାଲ୍‌କା ପରିଶ୍ରମ କରିବାକୁ ପଡିବ। ଅର୍ଥାତ୍ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଘରଦ୍ୱାରକୁ ପରିଷ୍କାର, ପରିଚ୍ଛନ୍ନ ରଖିବାକୁ ହେବ। ଭାଙ୍ଗି ଯାଇଥିବା ଆସବାବପତ୍ରକୁ ସଜାଡିବାକୁ ହେବ। ରଙ୍ଗ ଛାଡ଼ି ଯାଇଥିବା କିମ୍ବା ଦାଗ ଲାଗିଯାଇଥିବା କାନ୍ଥକୁ ରଙ୍ଗ କରିବାକୁ ପଡିବ। ଘରର ପ୍ରତିଟି କୋଣ ତଥା ଲାଇଟ୍, ଫ୍ୟାନ୍ ଆଦିକୁ ପୋଛି ଅଳନ୍ଧୁ ସଫା କରିବାକୁ ହେବ ଇତ୍ୟାଦି ଇତ୍ୟାଦି। କିନ୍ତୁ ଏସବୁ କାମ କେବଳ ନୂଆବର୍ଷ ଉପଲକ୍ଷେ କାହିଁକି, ବର୍ଷସାରା ଯଦି କରିବା ତା'ହେଲେ ନିଜେ ଖୁସିରେ ରହିବା ସହ ଅନ୍ୟମାନଙ୍କୁ ବି ଖୁସିରେ ରଖିପାରିବା। କାରଣ ଘରଦ୍ୱାରକୁ ପରିଷ୍କାର, ପରିଚ୍ଛନ୍ନ ରଖିଲେ ପ୍ରଥମତଃ ଘର ଜୀବାଣୁ ମୁକ୍ତ ରହିବ। ଦ୍ୱିତୀୟରେ ମା' ଲକ୍ଷ୍ମୀଙ୍କର କରୁଣା ଲାଭ ହେବ। କାରଣ ବିଶ୍ୱାସ ରହିଛି ଯେ, ପରିଷ୍କାର, ପରିଚ୍ଛନ୍ନ ଘରେ ମାତା ଲକ୍ଷ୍ମୀ ବାସ କରିଥାନ୍ତି। ତୃତୀୟରେ ନିଜ ମନକୁ ବି ଶାନ୍ତି ମିଳିବ। କାରଣ ଅପରିଷ୍କାର ଘରେ ରହିଲେ ମନ ଅବସାଦଗ୍ରସ୍ତ ହୋଇଥାଏ ବୋଲି ମନସ୍ତତ୍ତ୍ୱବିଦ୍‌ମାନେ ମତ ଦେଇଥାନ୍ତି। ତେଣୁ ନୂଆବର୍ଷରେ ନିଜ ଘରକୁ କେମିତି ସୁନ୍ଦର ଭାବେ ସଜାଇବେ ସେ ବିଷୟରେ ଏବେଠୁ ଚିନ୍ତା କରିବା ଆରମ୍ଭ କରିଦିଅନ୍ତୁ ନା !

# ପାଠକୀୟ

*ଦିନେ ବିଦେଶାଗତ ପକ୍ଷୀଙ୍କ ଆଗମନସ୍ଥଳ ଥିଲା ଚିଲିକା। ଏବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି ବିଦେଶୀ ପକ୍ଷୀଙ୍କ ସମାଗମ। ଉପଯୁକ୍ତ ସୁରକ୍ଷା ଅଭାବରୁ ପକ୍ଷୀ ସଂଖ୍ୟା କମୁଥିଲେ ବି ଶୀତ ଆସିଲେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜନ୍ତି ଏମାନେ। ତେଣୁ 'ପକ୍ଷୀ ଆସିବାର ବେଳ' ସମ୍ପର୍କିତ ଆଲେଖ୍ୟଟି ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗଟିକୁ ଖୁବ୍ ରୋଚକପୂର୍ଣ୍ଣ କରିଥିଲା। 'ଘରେ ମାଛ ରଖିବା କେତେ ଶୁଭ' ଏବଂ 'ଧନ ବୃଦ୍ଧି କରୁଥିବା ଫୁଲ' ଆଦି ପାଠରୁ ଅନେକ ନୂଆ କଥା ଜାଣିହେଲା।

*–ପ୍ରଶାନ୍ତ ସାହୁ, ରଣପୁର, ନୟାଗଡ଼*

*ଶୀତ ଆସିଲେ ବଢେ ଚିଲିକାରେ ବିଦେଶୀ ପକ୍ଷୀଙ୍କ ସମ୍ଭାର। କେବଳ ଚିଲିକା କାହିଁକି ଏବେ ହୀରାକୁଦ ଜଳଭଣ୍ଡାର, ଅଂଶୁପା ହ୍ରଦ, ଭିତରକନିକାର ବଗଗହଣ, କେନ୍ଦ୍ରାପଡ଼ାର ଜମ୍ବୁ ବତିଘର, ପୁରୀର କାଦୁଆମୁହାଣ, ଜଗତ୍‌ସିଂହପୁରର ହରିଶପୁର, ନିଆଳିର ଶିଖରଘାଟ ତଥା ବାଲେଶ୍ୱର ଜିଲାର କୁଲଡିହା ଇତ୍ୟାଦି ସ୍ଥାନକୁ ବି ଶୀତଦିନେ ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥାନ୍ତି। ତେଣୁ ପକ୍ଷୀ ଆସିବାର ସମୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନକୁ ବେଶ୍ ଛୁଇଁଗଲା। ସେହିପରି ଅଜବ ସ୍କାର୍ଫର ପାଠଟି ବି ଖୁବ୍ ନିଆରା ଥିଲା ପଢିବାକୁ।

*–ପବିତ୍ର ବେହେରା, ସାତପଡ଼ା, ପୁରୀ*

*ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟକ, ଯାତ୍ରା, ସିନେମା କ୍ଷେତ୍ରରେ ବେଶ୍ ନାଁ କମାଇଥିବା ଅନନ୍ତ ମହାପାତ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ ଅନୁରକ୍ତି ନାମକ ଗପଟି ବି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ ଦିଶା ପଟାନିଙ୍କ ଫଟୋଟି ଅତି ସୁନ୍ଦର ହୋଇଥିଲା। ଶିକ୍ଷାବିତ୍ ତଥା ଓଲିଉଡ୍‌ର ବରିଷ୍ଠ ସଂଳାପକାର ଏବଂ ଗୀତିକାର ଡ.ରଜନୀ ରଞ୍ଜନଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ସ୍ୱତନ୍ତ୍ର ଥିଲା।

*–ସୁଜିତ୍ ପଟ୍ଟନାୟକ, କେନ୍ଦୁଝର ଟାଉନ୍, କେନ୍ଦୁଝର*

*କିଛି ଅଜବ ଘରର ଡିଜାଇନ୍‌କୁ ନେଇ ଉପସ୍ଥାପନା ହୋଇଥିବା 'ଘର ଏମିତି ବି' ପାଠଟି ଏକ ନିଆରା ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ସୋନାଲି ଖୁବ୍ ସୁନ୍ଦରୀ ଲାଗୁଥିଲେ। ସୌନ୍ଦର୍ଯ୍ୟପୂର୍ଣ୍ଣ ନଗରକୋଏଲ ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। *–ମୌସୁମୀ ମହାନ୍ତି, ଆଳି, କେନ୍ଦ୍ରାପଡ଼ା*

*ଏଥରର ବ୍ୟଙ୍ଗ ପୃଷ୍ଠାରୁ 'ଅତିଥି ମହାପୁରୁ'ଙ୍କ ସମ୍ପର୍କରେ ନୂତନ ଦିଗ୍‌ଦର୍ଶନ ମିଳିବାରୁ ଖୁସି ଲାଗିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସବୁଠୁ ବଡ଼ ତକିଆ ଯୁଦ୍ଧ', 'ସ୍କୁଟର ଡଗ୍' ଏବଂ 'ସାଇକେଲ ଚଳାଉ ଚଳାଉ ରୁ୍ୟବିକ୍ କ୍ୟୁବ୍ ସଲ୍‌ଭ' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ସଙ୍ଗୀତା ପାଣିଗ୍ରାହୀ, ମୟୂରଭଞ୍ଜ*

## ବିଶେଷ ଚିଠି




ଛୁଟିଦିନ ତୁମେ ଅନନ୍ୟ ଅସୀମ
ତୁମ ପରି କେହି ନୁହେଁ ସମ।
ପ୍ରଚ୍ଛଦରେ 'ପକ୍ଷୀ ଆସିବାର ବେଳ'
ଚାରିଆଡ଼େ ଲାଗେ ଭାରି କୋଳାହଳ।
ଗପ, କବିତାରେ ଭରା ତୁମ ସୃଜନ
କିଣି ନେଇଥାଏ ସିଏ ସଭିଙ୍କର ମନ।
ସାଥୀର ଉତ୍ତର ବି ତୁମ କରେ କିମିଆ
ଲଗାଇ ଦିଏ ମନରେ ନିଆଁ।
ତୁମ ପାଇଁ ପ୍ରଭୁଙ୍କୁ କରୁଛି ମିନତି
ଘଣ୍ଟ ଘୋଡ଼ାଇ ରଖିଥାନ୍ତୁ ତୁମକୁ ଏମିତି।

*–ରୂପ ପଲେଇ, ତରାପି, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ସଂକଳ୍ପ

ଯୁବପିଢ଼ି ଆମ ଦେଶର ଶକ୍ତି। ଆମ ସାହସ। ତାଙ୍କୁ ନେଇ ଯେତେ ସବୁ ସ୍ୱପ୍ନ ଆଉ ସମ୍ଭାବନା। ତେବେ କେହି କେହି କୁହନ୍ତି ଯେ, ଆଜିକାର ଯୁବଗୋଷ୍ଠୀଙ୍କ ଭିତରେ ନାହିଁ ସହନଶୀଳତା, ପାରସ୍ପରିକତା ବଦଳରେ ନିଜ ଭିତରେ ବଞ୍ଚିବାକୁ ଅଧିକ ପସନ୍ଦ କରୁଛନ୍ତି। କିନ୍ତୁ ସତ କହିବାକୁ ଗଲେ, ଏମିତି ଅନେକ ଯୁବତୀ ଯୁବକ ଅଛନ୍ତି, ଯେଉଁମାନେ ଏ କଥାକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି ପ୍ରମାଣିତ କରିଛନ୍ତି। ସେମାନଙ୍କ ପାଇଁ ସେବା, ଭ୍ରାତୃଭାବ, ପରିବେଶ, ପରୋପକାର ହିଁ ମୂଳ ଲକ୍ଷ୍ୟ ପାଲଟି ଯାଇଛି। ଏକ ସୁନ୍ଦର ଦୁନିଆର ସଂକଳ୍ପ ଭିତରେ ସେମାନେ ଆଗେଇ ଚାଲିଛନ୍ତି।

**ସେବାରୁ ତୃପ୍ତି**–ପାଞ୍ଚ ବର୍ଷ ବୟସରୁ ସେ ଦେଖୁଥିଲେ ଅଗଷ୍ଟ ମାସରେ ପାଣି ଆସିବ, ଯିବା ଆସିବାରେ ଲୋକ ନାହିଁ ନ ଥିବା ସମସ୍ୟା ଭୋଗିବେ। ପୁଣି ବାଉଁଶରେ ପୋଲ ତିଆରି ହେବା ପରେ ଲୋକ ଯା'ଆସ କରିବେ। ପୋଲ ତିଆରିରେ ଦୁଇ ମାସ ଲାଗିଯାଏ। ଏସବୁ ଦେଖି ଦେଖି ଯେତେବେଳେ ତାକୁ ପନ୍ଦର ବର୍ଷ ସେ ସାଙ୍ଗମାନଙ୍କୁ ନେଇ ଆଖପାଖ ଗାଁରୁ ବାଉଁଶ ଆଣି ପୋଲ ତିଆରି କଲେ। ଯାହା ଫଳରେ ପାଣି ଆସିବା ପରେ ମଧ୍ୟ କୌଣସି ସମସ୍ୟା ହେଲା ନାହିଁ। ସରପଞ୍ଚ ଖୁସି ହୋଇ ପିଲାମାନେ ଖର୍ଚ୍ଚ କରିଥିବା ସବୁ ପଇସା ଦେଇଦେବା ସହ ପ୍ରଶଂସା ବି କଲେ। ଏହି ପିଲାମାନଙ୍କର ଦାୟିତ୍ୱ ନେଇଥିଲେ ପ୍ରିୟବ୍ରତ ପଣ୍ଡା। ପ୍ରିୟବ୍ରତଙ୍କ ଘର କେନ୍ଦ୍ରାପଡ଼ାର ନାନକାର ଗାଁରେ। ସ୍କୁଲ ଓ କଲେଜ ସମୟରେ ସେ ସାଙ୍ଗମାନଙ୍କୁ ଏକାଠି କରି ରାସ୍ତା ତିଆରି କରିବା, ରାସ୍ତା ସଫା କରିବା, କାହାକୁ ଔଷଧ ଦେବା, କାହାକୁ ଡାକ୍ତରଙ୍କ ପାଖକୁ ନେଇଯିବା ଆଦି କାମ କରୁଥିଲେ। ଖାଲି ସମୟରେ ଏହି ସବୁ କାମ କରି ସେ ଆନନ୍ଦ ପାଉଥିଲେ। ୨୦୦୭ ମସିହାରେ ପ୍ରିୟବ୍ରତ ଭୁବନେଶ୍ୱର ଆସନ୍ତି। ସେ କୁହନ୍ତି–ଥରେ ବସରେ କୋଣାର୍କ ଯିବା ସମୟରେ ୩ ବର୍ଷର ପିଲା ତା' ବାପା ମା'ଙ୍କ ସହ ବସ୍‌ରେ ଯାଉଥାଏ। କଥାବାର୍ତ୍ତାରୁ ଜାଣିଲି ପିଲାଟି ଏମ୍‌ସରୁ ଫେରୁଥାଏ। ଡାକ୍ତର ତାକୁ ଦିଲ୍ଲୀ ଏମ୍‌ସ ନେଇ

**ସେମାନେ ସଂକଳ୍ପ ନେଇଛନ୍ତି, ସ୍ୱପ୍ନ ଦେଖିଛନ୍ତି। ସ୍ୱପ୍ନକୁ ଆଗକୁ ନେବାର ବାଟ ବି ତିଆରି କରିଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ନ ହୋଇ ପାରସ୍ପାରିକତାରେ ବଞ୍ଚିବାକୁ ଚେଷ୍ଟା କରିବା ସହ ସମସ୍ତ ଯୁବପିଢ଼ିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଗଢ଼ିବାକୁ ଚେଷ୍ଟା କରୁଛନ୍ତି ଗୋଟେ ସୁସ୍ଥ, ସୁନ୍ଦର ପରିବେଶ ଓ ସମାଜ...**

ଚିକିତ୍ସା କରିବା ପାଇଁ କହିଥାନ୍ତି। ପିଲାଟିର ହୃଦ୍‌ରୋଗ ସମସ୍ୟା ଥାଏ। ତା' ବାପା ପଥର କଟାଳି। ତେଣୁ ଭାବିଲି ଏଠାରେ ଯଦି ଚିକିତ୍ସା ନ ହୋଇ ପାରୁଛି ଦିଲ୍ଲୀ ଯିବା ପରେ ଏମାନେ ସେଠାକାର ଡାକ୍ତରଙ୍କୁ କ'ଣ କହିବେ, କ'ଣ ବୁଝିବେ। ଭଲ ଚିକିତ୍ସା କେମିତି ପାଇପାରିବେ ? ମୁଁ ତାଙ୍କୁ ପଚାରିଲି ଏଠାରେ ଯଦି କୌଣସି ପ୍ରାଇଭେଟ୍ ହସ୍ପିଟାଲ୍‌ରେ ଚିକିତ୍ସା ହୋଇପାରିବ ତା' ହେଲେ କରିବେ କି ? ସେ ଖୁସି ହୋଇଗଲେ। ତା' ପରେ ମୁଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦରଖାସ୍ତ କରିବା ପରେ ସେହି ୩ ବର୍ଷ ପିଲାଟିର ଅପରେଶନ ଆପୋଲରେ ହୋଇପାରିଲା। ଏହା ଥିଲା ମୋ ପାଇଁ ପ୍ରଥମ ଘଟଣା। ଏହା ପରେ ଏହାରି ମାଧ୍ୟମରେ ଅନେକ ଗରିବ, ଅସହାୟ ରୋଗୀଙ୍କର ଚିକିତ୍ସା ସୁବିଧା କରାଇଛି। ମୁଁ ଭାବେ, ଯଦି ସରକାର ସୁବିଧା ଦେଉଛନ୍ତି, ଗରିବ ଲୋକ ସେଥିରୁ ବଞ୍ଚିତ କାହିଁକି ହେବେ। ଏହା ଛଡ଼ା ରାସ୍ତାରେ ଯଦି ମଣିଷ କି ବୁଲାପ୍ରାଣୀ କାହାର ଆକ୍ସିଡେଣ୍ଟ ହୋଇଯାଏ ବା କିଏ ଅସହାୟ ହୋଇ ରୋଗରେ ପଡିଥିବାର ଦେଖନ୍ତି ସେ ସଙ୍ଗେ ସଙ୍ଗେ ସାହାଯ୍ୟର ହାତ ବଢ଼ାନ୍ତି। କାନ ପଚି ଯାଇ ଥିବା ଏକ ବୁଲା ଷଣ୍ଢର ଚିକିତ୍ସା ଦାୟିତ୍ୱ ନେବାବେଳେ ସେ ସମାଜସେବୀ ସୁଶାନ୍ତ ସାହୁଙ୍କ ସଂସ୍ପର୍ଶରେ ଆସନ୍ତି। ଆଉ ପରବର୍ତ୍ତୀ ସମୟରେ ତାଙ୍କରି ପଦାଙ୍କ ଅନୁସରଣ କରି ଏହି ସବୁ ସେବା କାମରେ ଆଗକୁ ବଢ଼ନ୍ତି। ସୁଶାନ୍ତଙ୍କ ସହ ମିଶି ଫଳଦୋକାନୀ ଫୋପାଡି ଦେଉଥିବା ପଚାଶଢ଼ା ଆମ୍ବରୁ ଟାକୁଆ ବାହାର କରି ପ୍ରାୟ ୧୦ ହଜାର ଆମ୍ବ ଗଛ ଲଗାଇଛନ୍ତି। ସେମିତି ଗୁପ୍‌ଚୁପ୍ ବିକାଳିଙ୍କଠାରୁ ତେନ୍ତୁଳି ମଞ୍ଜି ଓ ଅନ୍ୟାନ୍ୟ ମଞ୍ଜି ସଂଗ୍ରହ କରି ବିଭିନ୍ନ ଅଞ୍ଚଳରେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିଛନ୍ତି। ପ୍ରିୟବ୍ରତଙ୍କ ଗ୍ରୁପରେ ଏବେ ସଦସ୍ୟ ସଂଖ୍ୟା ପ୍ରାୟ ୬୦ ଜଣ। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏମାନେ କାମ କରୁଛନ୍ତି। ଏବେ ଏହି ଗ୍ରୁପ୍ କେନ୍ଦ୍ରାପଡ଼ାର ଗୋଟିଏ ପରିବାରର ମା' ଓ ଦୁଇ ବୟସ୍କ ଝିଅଙ୍କ ପାଇଁ ଘରଟିଏ କରିବାର ଯୋଜନା ରଖିଛନ୍ତି। ପ୍ରିୟବ୍ରତଙ୍କର ସବୁଠୁ ବଡ଼ ଇଚ୍ଛା ହେଲା ସରକାର ଯେଉଁସବୁ ସ୍ୱାସ୍ଥ୍ୟସେବା ରଖିଛନ୍ତି ଗରିବ ଲୋକ ଠକାମିରେ ନ ପଡ଼ି ସେଥିରେ ଉପକୃତ ହୁଅନ୍ତୁ।

**ସବୁଜ ଭାରତର ସ୍ୱପ୍ନ**–ସ୍କୁଲ ପଢ଼ା ସମୟରୁ ହିଁ ସେମାନେ ଦେଖିଥିଲେ ସବୁଜ ସୁନ୍ଦର ପରିବେଶର ସ୍ୱପ୍ନ। ସ୍କୁଲ ହତାରେ ଗଛ ଲଗାଇବାରେ ସେମାନେ କେବଳ ସାମିଲ ହେଉ ନ ଥିଲେ, ଏହାର ଯତ୍ନ ନେବା ସହ ଅନ୍ୟାନ୍ୟ ଜାଗାରେ ବି ଗଛ ଲଗାଇବା ଆରମ୍ଭ କରିଥିଲେ। ସଇଦ ମମତା ଅଲ୍ଲୀ ହାଇସ୍କୁଲ ହିଁ ଏମାନଙ୍କ ସବୁଜ ଭାରତ ଅଭିଯାନର ମୂଳଦୁଆ ପକାଇଥିଲା। ତା'ପରେ ୨୦୧୩ ମସିହାରେ ଏମାନେ ଗଢ଼ିଲେ ସବୁଜ ଭାରତ। ଏମାନଙ୍କ ମଧ୍ୟରେ ସତ୍ୟବ୍ରତ ଜେନା, ମନୋରଞ୍ଜନ ନାୟକ, ସୂର୍ଯ୍ୟକିଶୋର ମହାପାତ୍ର, ନୀଳକଣ୍ଠ ଦାଶ, ଦେବାଶିଷ ଦାସ, ଇତିଶ୍ରୀ ଜେନା, ଗୋପାଳଚନ୍ଦ୍ର ଦାଶ, ସୁଶାନ୍ତ ସାହୁ, ମନସ୍ୱିନୀ ପରିଡ଼ା, ମନୋଜ ବେହେରା, ସୁଜାତା ମଲ୍ଲିକ, ଶ୍ରୀନିବାସ ଦାସ ଓ ଯୋଗେନ୍ଦ୍ର ରୋହିତ ପ୍ରମୁଖ। ଏମାନେ ସମସ୍ତେ ନିଷ୍ପତ୍ତି ନିଅନ୍ତି କି ଦିନକୁ ସମସ୍ତେ ଘଣ୍ଟାଏ ସମୟ ଦେବେ ଗଛ ପାଇଁ। ଆଉ ଦେଲେ ବି; ଯାହାଫଳରେ ପୋଖରୀପୁଟ, ପଟିଆ, ସାଲିଆସାହି ବସ୍ତି, ଡମପଡାରୁ ଆରମ୍ଭ କରି କଟକର ତିଗିରିଆ, ଭଦ୍ରକର ତିହିଡି, ଗୁଆମାଳ, ବାଲେଶ୍ୱର, ଅନୁଗୋଳ, ମୟୂରଭଞ୍ଜ, ଶିମିଳିପାଳ, କପ୍ତିପଦା, ହଳଦୀ ଗାଁ ଓ ନୂଆପଡାରେ ହଜାର ହଜାର ସଂଖ୍ୟାରେ ଗଛ ଲଗାଇଛନ୍ତି। ବିଭିନ୍ନ ଅଞ୍ଚଳରେ ଜଣେ ଜଣେ ଦାୟିତ୍ୱରେ ଥିବାବେଳେ ସେମାନେ ସେଠାକାର ସ୍ଥାନୀୟ ପିଲାଙ୍କୁ ବି ନିଜ ସହିତ ସାମିଲ କରି ୟୁନିଟ ତିଆରି →









କରିଛନ୍ତି। ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନା କହନ୍ତି, ଆମ ଗ୍ରୁପରେ ୫୫ଜଣଙ୍କ ଭିତରେ ୪୦ ଜଣ ଝିଅ ଅଛନ୍ତି। କାହାର ଜନ୍ମଦିନ ବା ସେମିତି କୌଣସି ସ୍ୱତନ୍ତ୍ର ଦିନକୁ ସ୍ମରଣୀୟ କରିବାକୁ ଚାହୁଁଥିଲେ ଆମେ ସେଠାରେ ଯାଇ ଗଛ ଲଗାଇବାର କାର୍ଯ୍ୟକ୍ରମ କରୁ। ଆମ ଗ୍ରୁପ୍‌ର ଭଦ୍ରକର ନିରାକାର ବେହେରା ପ୍ରତିବର୍ଷ ପାଖାପାଖି ୧୦୦୦ ନଡ଼ିଆ ଓ ତାଳ ଗଛ ଆମକୁ ଲଗାଇବାକୁ ଦିଅନ୍ତି। ସେ ନିଜେ ଗଛ ଲଗାଇବା ସହ ମାଗଣା ଚାଟଶାଳୀ କରି ପିଲାଙ୍କୁ ପଢାଉଛନ୍ତି। ଏହାଛଡ଼ା ଜରୁରିକାଳୀନ ରକ୍ତ ଆବଶ୍ୟକ ପଡିଲେ ଆମେ ରକ୍ତଦାନ ମଧ୍ୟ କରୁ। କରୋନା ସମୟରେ ଘର ଘର ବୁଲି ଲୋକଙ୍କ ପାଖରେ ମେଡିସିନ୍ ପହଞ୍ଚାଇଛୁ। ନିଜ ସାଧ୍ୟମତେ କିଛି କିଛି ପଇସା ଆଦାୟ କରି ଚାଦର କମ୍ବଳ ବାଣ୍ଟୁଛୁ। ରୋଗୀ ସେବା ବି କରୁଛୁ। ନିଲ କୁମାର ମହାନ୍ତି ନାମକ ଜଣେ ବ୍ୟକ୍ତି ଆମକୁ ପ୍ରତିବର୍ଷ ୫୦୦ ରୁ ୬୦୦ କମ୍ବଳ ଦେଉଛନ୍ତି ବାଣ୍ଟିବା ପାଇଁ। ଏମିତି ଅନେକ ଲୋକ ବି ଆମକୁ ସହଯୋଗର ହାତ ବଢାଉଛନ୍ତି। ତେବେ ଆମର ମୂଳ ଲକ୍ଷ୍ୟ ହେଲା ପରିବେଶ ସୁରକ୍ଷାରେ ଯୋଗ ଦାନ କରିବା ସହ ସବୁଜ ସୁନ୍ଦର ଭାରତ ଗଢ଼ିବା।

**ଐତିହ୍ୟର ପୁନରୁଦ୍ଧାର ଲକ୍ଷ୍ୟ** –ଐତିହ୍ୟମୟ କଟକ ସହର ନା ଏହାର ଗୌରବାନ୍ୱିତ ଇତିହାସର ମୂଖ ସାକ୍ଷୀ ବାରବାଟୀ ଦୁର୍ଗର ପୁନରୁଦ୍ଧାର ହେଉଛି । ନା ଚତୁପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ପ୍ରତି ଏତେଟା ଦୃଷ୍ଟି ଦିଆଯାଉଛି। ଏହି କଥା ଆନ୍ଦୋଳିତ କରିଥିଲା ସେମାନଙ୍କ ମନକୁ। ସେବେଠୁ କଟକ ସହରର ସୌନ୍ଦର୍ଯ୍ୟକରଣଠାରୁ ଆରମ୍ଭ କରି ଅସହାୟଙ୍କୁ ସାହାଯ୍ୟ କରିବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ପାଇଁ ସେମାନେ ଅଣ୍ଟା ଭିଡିଲେ। ଆଉ ୨୦୧୭ ମସିହାରେ ଆରମ୍ଭ କଲେ ସିଲଭରସିଟି କଟକ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ। ସଂଗଠନର ପ୍ରତିଷ୍ଠାତା ଅଭିଜିତ୍ ପୃଷ୍ଟି କୁହନ୍ତି, କଟକ ଆମ ରାଜ୍ୟର ଐତିହ୍ୟରେ ପରିପୂର୍ଣ୍ଣ ପ୍ରମୁଖ ସହର ହୋଇଥିଲେ ହେଁ ଏହାର ଅଭିବୃଦ୍ଧି ନିମନ୍ତେ ଏତେଟା ଗୁରୁତ୍ୱ ନ ଦିଆଯିବା, ଅତ୍ୟନ୍ତ ପରିତାପର ବିଷୟ। ତେଣୁ ଆମେ ଏହି କାର୍ଯ୍ୟ କରିବା ଲାଗି ଆଗେଇ ଆସିଛୁ। ଆମ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅନେକେ ଆମ ସହ ଯୋଗ ଦେଇଥିବାରୁ ବେଶ୍ ଖୁସି ଲାଗୁଛି। ମାତ୍ର ୮ ଜଣଙ୍କୁ ନେଇ ଆରମ୍ଭ କରିଥିବା ଆମ ସଂଗଠନରେ ବର୍ତ୍ତମାନ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟ । ଏହି ସଂଗଠନର ସଦସ୍ୟମାନେ କଟକରେ ଥିବା ୮ଟି ଯାକ ଗୋଲେଇ ଛକ ସଫା କରିବା, ଟ୍ରାଫିକ୍ ପୋଷ୍ଟ ରଙ୍ଗ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଫୁଲ ଗଛ ଲଗାଇ ସହରକୁ ସୁନ୍ଦର କରିବା ଆଦି କାର୍ଯ୍ୟ କରୁଛନ୍ତି। 'ସେଭ୍ ଆଓ୍ୱାର ହେରିଟେଜ୍' ନାମକ କ୍ୟାମ୍ପେନ୍ ଆରମ୍ଭ କରି କଟକରେ ଥିବା ପୁରୁଣା ମନ୍ଦିର, ମଠଗୁଡିକର ପୁନରୁଦ୍ଧାର କାର୍ଯ୍ୟ କରିବା ସହ ଭାରତ ପ୍ରତ୍ନତତ୍ତ୍ୱ ବିଭାଗ ସହାୟତାରେ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ଦିଗରେ କାର୍ଯ୍ୟ କରୁଛନ୍ତି। ଶୀତଦିନେ 'ପିସ୍ ଅଫ୍ କୋପ୍' ନାମରେ ଏକ ବାର୍ଷିକ କ୍ୟାମ୍ପେନ୍ କରି ରାସ୍ତା କଡ଼ରେ ରହୁଥିବା ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରୁଛନ୍ତି। କରୋନା ସମୟରେ 'ମିଶନ୍ ହଙ୍ଗରଫ୍ରି କଟକ' ନାମରେ ଏକ କ୍ୟାମ୍ପେନ୍ କରି ଅଭାବୀଙ୍କୁ ଖାଇବା ବି ଯୋଗାଉଛନ୍ତି। ସହରରେ ବୁଲୁଥିବା ଭୋକିଲା ଗାଈ, କୁକୁର ଆଦିଙ୍କୁ ମଧ୍ୟ ଖାଦ୍ୟ ଯୋଗାଇ ଦେଉଛନ୍ତି। ତାସହ 'ଲଭ୍ ପେଡାଲ' ନାମକ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତିଙ୍କର ପୁରୁଣା ସାଇକେଲକୁ ସଂଗ୍ରହ କରି ଏହାର ମରାମତି କରି ଗରିବ ପିଲାମାନଙ୍କୁ ବିତରଣ କରାଯାଉଛି। ଆଗକୁ ଏଭଳି ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ଜାରି ରହିବ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି।





**ଅସହାୟଙ୍କ ସାହା**–ସେମାନେ କେବଳ ନିଜ ଖାଇବାପିଇବା କଥା ଚିନ୍ତା କରନ୍ତି ନାହିଁ। ନିଜ ଆଖପାଖରେ ଥିବା ଭିକାରି ଓ ମାନସିକ ଅନଗ୍ରସରମାନଙ୍କ ଖାଦ୍ୟ ବ୍ୟବସ୍ଥା ବି କରିବାକୁ ଭୁଲନ୍ତି ନାହିଁ। ଏମାନେ ହେଲେ ଅସ୍ତରଙ୍ଗର କିଛି ଯୁବଗୋଷ୍ଠୀ। ଏଥିପାଇଁ ସେମାନେ ଆଶ୍ରୟ ଫାଉଣ୍ଡେସନ୍ ନାଁରେ ଏକ ଟିମ୍ କରିଛନ୍ତି। ଏହାର ପ୍ରେସିଡେଣ୍ଟ ଭବାନୀ ବିଶ୍ୱାଳ କହନ୍ତି, ଆମେ ଅନେକ ସମୟରେ ଦେଖିଥାଉ ଯେ, ବଜାରରେ ବୁଲାବୁଲି କରୁଥିବା ମାନସିକ ଅନଗ୍ରସର ଲୋକ ଓ ଭିକାରିମାନେ ସବୁ ସମୟରେ ଖାଇବାକୁ ପାଉ ନାହାନ୍ତି। ଦିନବେଳା ତ କିଏ କ'ଣ ଦେଲା ସେଥିରେ ଚଳିଯାଏ କିନ୍ତୁ ରାତିରେ ସେମାନଙ୍କ ପାଖରେ ଖାଇବା ନ ଥାଏ। ତେଣୁ ଆମେ ଚିନ୍ତା କଲୁ ପ୍ରତିଦିନ ସନ୍ଧ୍ୟାରେ ସେମାନଙ୍କ ଖାଇବା ପିଇବାର ବ୍ୟବସ୍ଥା କରିବୁ। ପ୍ରଥମେ ଆମେ ୫ ଜଣ ମୁଁ, ବିନୋଦ ସେଠୀ, ପ୍ରଦୀପ୍ତ ମଲ୍ଲ, ଲୋକନାଥ ନାୟକ ଓ ପିଙ୍କନ ପରିଡା ମିଶି ସେମାନଙ୍କ ପାଇଁ ଏକ ହୋଟେଲ ସହ କଥାହେଲୁ। ପ୍ରତିଦିନ ଆମେ ଗଣି ଦେଉ କେତେଜଣ ଖାଇବେ। ତା'ପରେ ହୋଟେଲ ଯାଇ ସେତିକିଟା ମିଲ୍ ପାଇଁ କହିଦେଉ। ଦୋକାନୀଙ୍କୁ ମାସ ଶେଷରେ ପଇସା ଦେଇ ଦେଉ। ଆସ୍ତେ ଆସ୍ତେ ଆମ ସହିତ ଆଉ କେତେ ଜଣ ଯୋଡି ହେଲେ। ଆମେ ୧୫ ଜଣ ହୋଇଗଲୁ। ପ୍ରତି ଗୁରୁବାର ଆମେ ଏକାଠି ବସୁ, ଯିଏ ଯାହା ଇଚ୍ଛାରେ ପଇସା ଦିଏ। ସେଥିରେ ଆମେ ଖାଦ୍ୟ ବ୍ୟବସ୍ଥା କରୁ। ଅସ୍ତରଙ୍ଗ ବିଚ୍ ସଫେଇ କରିଥିଲୁ। ତେବେ ଆମେ ଯେତେବେଳେ ୨୦୨୦ ମସିହା ମାର୍ଚ୍ଚ ମାସରେ ଆରମ୍ଭ କଲୁ ଏୟା ଚିନ୍ତା କରିଥିଲୁ ଯେ, ଆମ ଆଖପାଖରେ ଥିବା ମାନସିକ ଅନଗ୍ରସର ଭିକାରି କେହି ବି ଯେମିତି ଭୋକିଲା ନ ରହିବେ।

**ସମସ୍ତଙ୍କ ପାଇଁ ସବୁ ସମୟରେ–** ପ୍ରତିଦିନ ୧୦-୧୫ ଜଣ ସାଙ୍ଗ ବସୁଥିଲେ ଚିଲିକା କୂଳରେ। ତାଙ୍କ ଭିତରେ ଜଣେ ଥିଲେ ପ୍ରସାଦ ପ୍ରଧାନ। ସେ କହିଲେ ଆମେ ଯେତେକି ସମୟ ବସିଚେ ଚାଲ କିଛି କରିବା, ଯାହା ଲୋକଙ୍କ ମଙ୍ଗଳରେ ଆସିବ। ସମସ୍ତେ ସେଥିରେ ଏକମତ ହେଲେ ଯେ, ଆବଶ୍ୟକ ପଡ଼ିଲେ କିଛି କିଛି ପଇସା ଆଦାୟ କରି ଗରିବ ଲୋକଙ୍କୁ ସାହାଯ୍ୟ କରିବା। ଏହା ଥିଲା ପ୍ରାୟ ୧୦ ବର୍ଷ ତଳର ଆଲୋଚନା। ସମସ୍ତେ ମିଶି ବାଲୁଗାଁ କଲେଜ ଗଢ଼ିଲୁ। ତା'ପରେ ଆରମ୍ଭ ହେଲା ରୋଗୀ ସେବା। ନିଜେ କିଛି କିଛି ପଇସା ଦେବା ସହ ଲୋକଙ୍କଠାରୁ



ସାହାଯ୍ୟ ନେଇ ଗରିବ ରୋଗୀମାନଙ୍କ ଚିକିତ୍ସା କରାଇଲୁ। ମାନସିକ ଅନଗ୍ରସର ଲୋକଙ୍କ କଥା ବୁଝିଲୁ। ବୃଦ୍ଧାଶ୍ରମ ଯାଇ ସେମାନଙ୍କ ସହ ସମୟ କାଟିଲୁ। ଏ ଭିତରେ କୋଭିଡ ଆରମ୍ଭ ହୋଇଗଲା ପରେ କିଛି ବୁଲା ବିକାଳୀ ଆଉ ନିଜ ରାଜ୍ୟକୁ ଫେରିପାରିଲେ ନାହିଁ। ଏଠାକାର କିଛି ଭିକାରିଙ୍କୁ ମିଶାଇ ପ୍ରାୟ ୪୦୦ ଲୋକ ଉମା ମହେଶ୍ୱରଙ୍କ ମନ୍ଦିର ପଡିଆରେ ରହିଗଲେ। ତା'ପରେ ଆମେ ପ୍ରତ୍ୟେକ ୧୦୦୦- ୨୦୦୦ ଟଙ୍କା ଲେଖାଏଁ ଆଦାୟ କରି ସେମାନଙ୍କ ଖାଇବା ପିଇବା ବ୍ୟବସ୍ଥା କଲୁ। ଆମ ପଇସାରେ ୫-୬ ଦିନ ହୋଇଗଲା। ତା'ପରେ କିଛି ଲୋକେ ଆପେ ଆପେ ଆସି ସେମାନଙ୍କ ଖାଇବା ପିଇବା ଦାୟିତ୍ୱ ନେଲେ। ଏମିତି ସେମାନେ ୭୧ ଦିନ ଯାଏ ରହିଲେ। ଏସବୁ ଦେଖି ଖୋର୍ଦ୍ଧା ଏସ୍‌ପି ଅଫିସ୍ ତରଫରୁ ଆସି ମାସ୍କ, ପାଣି ଓ ବିସ୍କୁଟ ଆଦି ଦେଲେ ଓ ଆମକୁ ଖୁବ୍ ପ୍ରଶଂସା ବି କଲେ। ତା'ପରେ ଆମେ ସେମାନଙ୍କୁ ବସ୍ ଯୋଗେ ତାଙ୍କ ରାଜ୍ୟକୁ ଛାଡିବାର ବ୍ୟବସ୍ଥା ବି କଲୁ। ଏ ଭିତରେ କୋଭିଡ୍ ମୃତକମାନଙ୍କ ଶବ ସତ୍କାର ବି ଆମେ କରିଛୁ। ଏବେ ବାଲୁଗାଁ ଚିଲିକା କୂଳ ପରିଷ୍କାର ପାଇଁ ଯୋଜନା କରୁଛୁ। ଆମ ଟିମ୍‌ରେ ଏବେ ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ। ଆମ ଆଖିରେ ଯେତେବେଳେ ଯେଉଁକାମ ଆସିଲା ଯାହା କରିବା ଆବଶ୍ୟକ ଭାବିଲୁ ସେ କାମ ଆମେ କରୁଛୁ। ପ୍ରତିଦିନ ସନ୍ଧ୍ୟାରେ ଆମର ଦେଖାହୁଏ, ଚା ପିଇବା ସହିତ କାଲିର କାର୍ଯ୍ୟକ୍ରମ ସ୍ଥିର ହୁଏ। ବାଲୁଗାଁ କ୍ଲବରେ ଯେଉଁ ୧୫-୨୦ଜଣ ଅଛୁ ପ୍ରତି ମାସରେ ୫୦୦ ଟଙ୍କା ଲେଖାଏଁ ଆଦାୟ କରୁ। ଆମ କାମରେ ସଚେତନ ନାଗରିକ ମଞ୍ଚ ଓ ଅନ୍ୟାନ୍ୟ ଲୋକ ସହଯୋଗ କରୁଛନ୍ତି, ଯାହା ଆମକୁ ଖୁବ୍ ଆତ୍ମସନ୍ତୋଷ ଦେଉଛି।

ସତରେ ଏଭଳି ମାନସିକତା ରଖିଥିବା ଏହି ଯୁବପିଢି ଯେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଏହା ନିଃସନ୍ଦେହ।

–ରୋଜାଲିନ୍ ମହାନ୍ତି



# ଜଗନ୍ନାଥଙ୍କ ଦର୍ଶନରେ ହୁଏ ନୂଆବର୍ଷର ଆରମ୍ଭ



‘ଶ୍ରୀ ଜଗନ୍ନାଥ’ ଆଧ୍ୟାତ୍ମିକ ସିରିୟଲର ‘କେତକୀ’ ଚରିତ୍ରରୁ ‘ଚୋରଣୀ’ ଚଳଚ୍ଚିତ୍ରରେ ଜଣେ ଚୋରଣୀ ଭୂମିକା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଚରିତ୍ରକୁ ବେଶ୍ ଦକ୍ଷତାର ସହ ତୁଲାଇଥିବା ଗ୍ଲାମର୍ସ ଅଭିନେତ୍ରୀ ଶୀତଲ ପାତ୍ର ଅଛନ୍ତି ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ...

**ନୃତ୍ୟରୁ ହୋଷ୍ଟିଂ, ତା’ପରେ ଅଭିନୟ**

୩ ବର୍ଷ ବୟସରୁ ଓଡିଶୀ ନୃତ୍ୟ ଶିଖିବା ଆରମ୍ଭ କରିଥିଲି । ଟିଭି ଚ୍ୟାନେଲର ଡ୍ୟାନ୍ସ ଶୋ’ରେ ଅଂଶ ଗ୍ରହଣ କରୁଥିଲି । ପରେ ମତେ ଶୋ’ ହୋଷ୍ଟ କରିବାକୁ ସୁଯୋଗ ମିଳିଲା । ଷ୍ଟାଣ୍ଡାର୍ଡ ୨ ରେ ପଢିବାବେଳେ କୁନି ରାଇଜ, ଚୁଆଁ ଚୁଇଁରେ ହୋଷ୍ଟିଂ କଲି । ପରେ ‘ଦାନପତ୍ର’ ସିରିୟଲରେ ଶିଶୁ କଳାକାରଭାବେ ମିହିର ଦାସଙ୍କ ଝିଅ ଭୂମିକାରେ ଅଭିନୟ କଲି ।

**୧୨ ବର୍ଷ ବୟସରେ ୨୫ ବର୍ଷୀୟା ଦେବଦାସୀଙ୍କ ଭୂମିକା ତୁଲାଇବା ଥିଲା ଚ୍ୟାଲେଞ୍ଜିଂ**

ରଜ ସଂସ୍କରଣ ପାଇଁ କାଦମ୍ବିନୀର କଭର୍ ପୃଷ୍ଠାରେ ମୋର ଏକ ଶାଢି ପିନ୍ଧା ଫଟୋ ବାହାରିଥିଲା । ସେଇ ଫଟୋକୁ ଦେଖି ହର ପଟ୍ଟନାୟକ ଭାବିଥିଲେ ମୁଁ ଜଣେ ବଡ଼ ଝିଅ ବୋଲି । ହେଲେ ସେତେବେଳେ ମୁଁ ଷ୍ଟାଣ୍ଡାର୍ଡ ୭ରେ ପଢୁଥିଲି । ହର ସାର୍ ମତେ ଶ୍ରୀ ଜଗନ୍ନାଥ ସିରିୟଲ୍‌ରେ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମ ଦେବଦାସୀ କେତକୀଙ୍କ ରୋଲ୍ ଅଫର୍ କଲେ । ୧୨ ବର୍ଷ ବୟସରେ ୨୫ ବର୍ଷୀୟା ଦେବଦାସୀଙ୍କ ରୋଲ୍ କରିବା ମୋ ପାଇଁ ଚ୍ୟାଲେଞ୍ଜ ଥିଲା । ହେଲେ ହର ସାର୍‌ଙ୍କ ପାଇଁ ମୁଁ ଭଲ ଭାବେ ତୁଲାଇ ପାରିଥିଲି । ତେବେ ଆଜି ବି ଅନେକେ ଏମିତିକି ପୁରୀ ଜଗନ୍ନାଥ ମନ୍ଦିରରେ ବି ମତେ ସମସ୍ତେ କେତକୀଭାବେ ଚିହ୍ନନ୍ତି ।

**ପ୍ରଥମ ସିନେମା ୧୦ମ ଶ୍ରେଣୀ ପରେ**

୧୦ମ ଶ୍ରେଣୀ ସରୁ ସରୁ ମୁଁ ପ୍ରଥମ ସିନେମାର ଅଫର୍ ପାଇଲି । ଫିଲ୍ମଟି ଥିଲା ‘ଯିଏ ଯାହା କହୁ ମୋର ଢୋ’ । ହେଲେ ପଢା ଡିଷ୍ଟର୍ବ ହେବ ଭାବି ମନା କରୁଥିଲି । କିନ୍ତୁ ବାପା ମା’ଙ୍କ ସପୋର୍ଟ ଥିବାରୁ ବାବୁସାନଙ୍କ ସହ ମୁଁ ପ୍ରଥମଥର ପାଇଁ ହିରୋଇନ୍‌ଭାବେ ଅଭିନୟ କଲି । ଆଉ ଯା’ ଭିତରେ ୧୫ଟି ଫିଲ୍ମ କରିସାରିଲିଣି ।

**ଡ୍ରିମ୍‌ରୋଲ୍**

ଅଭିନେତ୍ରୀ ଭାବେ ସବୁବେଳେ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଚାହେଁ । ଯେମିତିକି ନିକଟରେ ରିଲିଜ ହୋଇ ବହୁ ସଫଳତା ପାଇଥିବା ‘ଚୋରଣୀ’ ଫିଲ୍ମରେ ମୁଁ ଚୋରି କରିବାକୁ ଭଲ ପାଉଥିବା ତଥା କ୍ଲେପ୍ଟୋମାନିଆ ନାମକ ଏକ ମାନସିକ ରୋଗଗ୍ରସ୍ତ ଝିଅ ଭୂମିକାରେ ଅଭିନୟ କରିଛି । ଯାହାକି ବହୁତ ଚ୍ୟାଲେଞ୍ଜିଂ ଥିଲା ।

**ପିଲାଦିନେ ମୁଁ ବି ଚୋରି କରିଛି**

ମୁଁ ଛୋଟବେଳେ ବହୁତ ଶାନ୍ତଶିଷ୍ଟ ଥିଲି । ତେବେ ମା’ ରାନ୍ଧେଇ ଘରେ ଲୁଚାଇ ରଖୁଥିବା ଆଚାର, ଅମ୍ବୁଲ, ତେନ୍ତୁଳି ଚୋରେଇକି ଖାଇଛି ।

**ଲାଇଫ୍ ପାର୍ଟନର୍**

ଡାକ୍ତରୀ ପଢା ଓ କାମ, ଉଭୟ କ୍ଷେତ୍ରରେ କିଭଳି ତାଳମେଳ ରଖି ସଫଳ ହେଇପାରିବି ସେଥିପାଇଁ ଅଧିକ ଗୁରୁତ୍ୱ ଦେଉଛି । ତାସହ ବିବାହର ବୟସ ବି ହୋଇ ନାହିଁ । ତେଣୁ ଲାଇଫ୍ ପାର୍ଟନର୍ ବିଷୟରେ ଚିନ୍ତା କରି ନାହିଁ ।

**ବେଷ୍ଟଫ୍ରେଣ୍ଡ**

ମୋ ମାମା ମୋର ବେଷ୍ଟଫ୍ରେଣ୍ଡ । ତାଙ୍କ ସହ ମୁଁ ସବୁ କଥା ଶେୟାର କରିପାରେ । ତାଛଡା ମୋର ସବୁଠୁ ପ୍ରିୟ ସାଙ୍ଗ ପୂଜାକୁ ବି ମୁଁ ମନର ସବୁ କଥା କହେ ।

**-ଶିବାନୀ ମହାନ୍ତି**





**ନୂଆବର୍ଷ ପ୍ରଭୁଶ୍ରୀ ଜଗନ୍ନାଥଙ୍କ ଦର୍ଶନରେ ଆରମ୍ଭ କରୁ**

ପ୍ରତିବର୍ଷ ନୂଆବର୍ଷ ଆମେ ପୁରା ପରିବାର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ଆରମ୍ଭ କରିଥାଉ । ବେଳେବେଳେ ଘଟଗାଁ ଯାଇ ମା’ ତାରିଣୀଙ୍କ ଦର୍ଶନ କରି ମଧ୍ୟ ନୂଆ ବର୍ଷ ଆରମ୍ଭ କରୁ । କୋଭିଡ ପୂର୍ବରୁ ନୂଆବର୍ଷ ପାଇଁ ଶୋ’ ହେଉଥିଲା । ତେଣୁ ଫ୍ୟାନ୍‌ଙ୍କ ସହ ସେମାନଙ୍କ ଶୁଭେଚ୍ଛା ସହ ବି ନୂଆବର୍ଷ ଆରମ୍ଭ ହେଉଥିଲା ।

**ବିଉଟି ସିକ୍ରେଟ୍**

ବ୍ୟସ୍ତତା ଭିତରେ ନିଜର ଯତ୍ନ ଏତେଟା ନେଇପାରେନା । ମୋ ମତରେ ଖୁସିରେ ରହିଲେ ମୁହଁରେ ଆପେ ଚମକ ଆସେ । ତେଣୁ ମୁଁ ଖୁସିରେ ରହିବାକୁ ଚେଷ୍ଟା କରେ । ତା’ଛଡା ଘରୋଇ ଉପଚାର ଉପରେ ବି ବିଶ୍ୱାସ କରେ ।

**ଉଇକ୍‌ନେସ୍ ଓ ଷ୍ଟ୍ରେନ୍ଥ**

ପରିବାର ମୋର ଷ୍ଟ୍ରେନ୍ଥ ଓ ସର୍ଟ ଟେମ୍ପରଡନେସ୍ ହେଉଛି ମୋର ଉଇକ୍‌ନେସ୍ ।




# ସେନାଙ୍କ ଗାଁ ବିଲିପଡ଼ା

ପବିତ୍ର ଦେଶ ମାତୃକାର ସେବା କରିବା ପାଇଁ ଅନେକ ଯୁବତୀଯୁବକ ସୈନ୍ୟବାହିନୀରେ ଯୋଗଦେଇଥାନ୍ତି। ସେମାନଙ୍କ ତ୍ୟାଗ ଓ ଦେଶପ୍ରେମ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ତେବେ ଓଡ଼ିଶାର ଏମିତି ଏକ ଗାଁ ଅଛି ଯେଉଁଠି ଏକାଧିକ ଯୁବକ ସୈନ୍ୟବାହିନୀରେ ଯୋଗଦେଇ ଗାଁକୁ ସେନାଙ୍କ ଗାଁ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେଇ ଗାଁଟି ହେଉଛି ବିଲିପଡ଼ା। ଗାଁଟି ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଅବସ୍ଥିତ । ଏହି ପଞ୍ଚାୟତରେ ରହିଛି ୭ଟି ରାଜସ୍ୱ ଗ୍ରାମ । ସେଥିମଧ୍ୟରୁ ବିଲିପଡ଼ା ଅନ୍ୟତମ । ଗାଁର ଅଧିକାଂଶ ପରିବାରର ଯୁବକ ସୈନ୍ୟବାହିନୀରେ ଚାକିରି କରିଆସୁଛନ୍ତି । ତେଣୁ ଆଖପାଖ ଗାଁର ଲୋକେ ଏହି ଗାଁକୁ ସେନା କର୍ମଚାରୀଙ୍କ ଗାଁ ବୋଲି କୁହନ୍ତି। ଏବେ ସୁଦ୍ଧା ଗାଁର ପ୍ରାୟ ୩୭ଜଣ ଯୁବକ ସ୍ଥଳ, ଜଳ ଓ ଆକାଶ ବାହିନୀ ଓ ଅନ୍ୟକେତେଜଣ ପୋଲିସ ବିଭାଗରେ ଚାକିରି କରିଛନ୍ତି । ଦେଶ ସେବାରେ ନିୟୋଜିତ ହୋଇପାରିଥିବାରୁ ଏହି ଗାଁର ଯୁବକ ଓ ତାଙ୍କ ପରିବାରଲୋକେ ନିଜକୁ ସୌଭାଗ୍ୟବନ୍ତ ମନେ କରନ୍ତି। ସୂଚନା ଯୋଗ୍ୟ କି, ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗାଁ ହେଉଛି ବିଲିପଡ଼ା । ଭୁବନେଶ୍ୱରରୁ ବାଲେଶ୍ୱର ରାସ୍ତାର କୁଆଖିଆ ବଜାରଠାରୁ ମାତ୍ର ୧ କି.ମି. ବାଲେଶ୍ୱର ଆଡକୁ ଗଲା ବେଳେ ଏହି ଗାଁଟି ପଡ଼େ । ରାଜପଥ ଏହି ଗାଁକୁ ୨ ଭାଗରେ ବିଭକ୍ତ କରିଛି । ପଞ୍ଚାୟତର ୧୫ଟି ୱାର୍ଡ ମଧ୍ୟରୁ ଶେଷ ୩ଟି ଯଥା ୧୩, ୧୪ ଓ ୧୫ନମ୍ବର ୱାର୍ଡକୁ ନେଇ ଏହି ଗାଁ ଗଠିତ । ପଞ୍ଚାୟତର ଶେଷ ୱାର୍ଡ(୧୫ନଂ) ରାଜପଥ ଦ୍ୱାରା ବିଭାଜିତ ହୋଇଛି । କିନ୍ତୁ ଗାଁରେ ଅନ୍ୟୂନ ୩୦୦ରୁ ଊର୍ଦ୍ଧ୍ୱ ପରିବାରରେ ବର୍ତ୍ତମାନ ପ୍ରାୟ୧୫୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ଏହି ଗାଁର ଅଧିକାଂଶ ପରିବାର କୃଷିଜୀବୀ । ସବୁଠୁ ବଡ଼କଥା ହେଲା ଏଠାରେ ଅଧିକାଂଶ କୃଷକ ପରିବାର ପିଲା ସେନାରେ କାର୍ଯ୍ୟ କରୁଛନ୍ତି। ସେ ଦୃଷ୍ଟିରୁ ଦେଖିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ସ୍ଲୋଗାନ 'ଜୟ ଯବାନ ଜୟ କିଷାନ' ଉକ୍ତିଟି ଗାଁର କୃଷକ ଓ ଯବାନଙ୍କ ପାଇଁ ବେଶ୍ ପ୍ରଯୁଜ୍ୟ ଭଳି ଲାଗେ । ଅନ୍ୟପକ୍ଷେ ଦେଶ ପାଇଁ ସୈନ୍ୟବାହିନୀରେ ଯୋଗଦେବାର ମନବୃତ୍ତି ଯୁବକମାନଙ୍କ ମଧ୍ୟରେ ବୃଦ୍ଧିପାଇଛି। ଏହି ଗାଁର ସତ୍ୟାନନ୍ଦ ଆଇଚ, ଦେବେନ୍ଦ୍ର ଆଇଚ, ସୁମନ୍ତ ଆଇଚ, ସନ୍ତୋଷ କୁମାର ଆଇଚ, ରମେଶ ଚନ୍ଦ୍ର ଆଇଚ, ସନେନ୍ଦ୍ର ଆଇଚ ଓ ଅମରେନ୍ଦ୍ର ଧଳ ପ୍ରମୁଖ ସେନା ବିଭାଗରେ ସାମିଲ ହୋଇଥିବା ବେଳେ ଶୁଭଙ୍କର ଆଇଚ ସିଆର୍‌ପିଏଫ୍‌ରେ, ସେହିପରି ଅନ୍ୟ କେତେଜଣ ଓଡ଼ିଶା ପୋଲିସ, ଓଏସ୍‌ଏପି, ସିଆର୍‌ପିଏଫ, ଆଇଆର୍‌ବି ଏବଂ ଓଏଫ୍‌ଏସ୍ ସେବା ବିଭାଗରେ ଯୋଗଦେଇ ଦେଶର ସେବା କରୁଛନ୍ତି। ଏମିତି ଏକାଧିକ ଯୁବକ ସୈନ୍ୟବାହିନୀରେ ଯୋଗଦେଇ ଗାଁର ନାଁକୁ ଗୌରବମୟ କରିଛନ୍ତି । ପୂଜାପାର୍ବଣ ସମୟରେ ଗାଁକୁ ଛୁଟି କାଟିବାକୁ ଆସୁଥିବା ସେନା କର୍ମଚାରୀମାନଙ୍କ ଚଳଣି ଯୁବପିଢ଼ିଙ୍କୁ ପ୍ରଭାବିତ କରିଥାଏ । ପରିଣାମ ସ୍ୱରୂପ ଗାଁରୁ ୩୭ଜଣ ଯୁବକ ସୈନ୍ୟବାହିନୀରେ ଯୋଗଦେଇ ସାରିଲେଣି। ଗାଁକୁ ଫେରୁଥିବା ସୈନ୍ୟଭାଇମାନଙ୍କ ସହ ଆଲୋଚନା କରି ଗାଁର ଯୁବକମାନେ ସୈନ୍ୟବାହିନୀରେ ଯୋଗଦେବା ପାଇଁ ଯେଉଁ ଜ୍ଞାନକୌଶଳର ଆବଶ୍ୟକତା ରହିଛି ସେ ସମ୍ପର୍କରେ ଆଗୁଆ ଅବଗତ ହୋଇ ନିଜକୁ ସେହିଭଳି ଭାବେ ପ୍ରସ୍ତୁତ କରନ୍ତି। ଏହାବାଦ ଏହି ଗାଁର ଯୁବକ ସୈନ୍ୟବାହିନୀରୁ ଅବସର ପାଇବା ପରେ ତାଙ୍କ ପାଇଁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାର ମଧ ଆୟୋଜନ କରାଯାଇଥାଏ । ଆୟୋଜିତ ସଭାରେ ସେନାକର୍ମଚାରୀଙ୍କ ମାତା ଓ ପିତାଙ୍କୁ ବି ସମ୍ମାନିତ କରାଯାଇଥାଏ। ଏ ଦିଗରେ ଗାଁର ଉତ୍କଳ କ୍ଲବର ସଦସ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି । ଏଭଳି ନିଆରା କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଆଦର୍ଶ ଉଦାହରଣ ପାଲଟିଛି। ଏଥିରେ ଗାଁର ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ଏକ ପଟୁଆରରେ ସେହି ଅବସରପ୍ରାପ୍ତ ସେନାକର୍ମଚାରୀଙ୍କୁ ଗାଁ ଗାଁ ବୁଲାଇଥାନ୍ତି । ଗାଁ ତରଫରୁ ଏମିତି ସମ୍ବର୍ଦ୍ଧିତ କରାଯିବାର ପରମ୍ପରା ଗାଁର ଯୁବପିଢ଼ିମାନଙ୍କୁ ପ୍ରେରଣା ଦେଇଥାଏ। ଆଉ ନୂତନପିଢିଙ୍କ ମନରେ ସେନା ବାହିନୀରେ ଯୋଗଦେବାର ଭାବନା ସୃଷ୍ଟି କରିଥାଏ। ଏ ସମ୍ପର୍କରେ ସ୍ଥଳ ସେନାରେ ସେନାନାୟକ ଭାବେ କାର୍ଯ୍ୟ କରୁଥିବା ଅମରେନ୍ଦ୍ର ଧଳ କୁହନ୍ତି, 'ଦେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବାରେ ଆତ୍ମତୃପ୍ତି ମିଳିଥାଏ । ସୈନ୍ୟବାହିନୀରେ ଚାକିରି ପାଇବାକୁ ଭଗବାନଙ୍କ ବରଦାନ ବୋଲି ମନେକରେ । ଗାଁରେ ଅନ୍ୟମାନଙ୍କ ଉତ୍ସାହ, ଯୁବପିଢ଼ିଙ୍କୁ ଦେଶ ମାତୃକାର ସେବା କରିବା ପାଇଁ ଆହ୍ୱାନ ଦିଏ।' ଅବସରପ୍ରାପ୍ତ ମିଲିଟାରୀ ଇଞ୍ଜିନିୟରିଂ ସର୍ଭିସଂ କେଦାର କୁମାର ଆଏଚ କୁହନ୍ତି,'ସେନା କର୍ମଚାରୀ ଓ ତାଙ୍କ ପରିବାର ଖୁସିରେ ରହିବା ପାଇଁ ଆମେ ଗୁରୁତ୍ୱ ଦେଇଥାଉ । ତାସହ ଗାଁ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଗଛ ଲଗାଇବା, ଗାଁ ଛକକୁ ଆଲୋକୀକରଣ ଓ ଉତ୍କଳ କ୍ଲବର ବିକାଶ ପାଇଁ ମଧ ଉଦ୍ୟମ କରୁ । ସେହିପରି ଅବସରପ୍ରାପ୍ତ ସେନା କର୍ମଚାରୀ ଶୁଭ୍ରଦୀପ୍ତ ଧଳ କୁହନ୍ତି,'ଗ୍ରାମର ଆରାଧ୍ୟା ଦେବୀ ମା' ବୁଢ଼ୀ ଭାଲୁଣୁଣୀଙ୍କ ପୀଠର ଉନ୍ନତି ଓ ଗାଁ କ୍ଲବକୁ ଏକ ନୂତନ ରୂପରେଖା ଦେବା ପାଇଁ ପ୍ରୟାସ ଚାଲିଛି।' ଉତ୍କଳ କ୍ଲବର ସଦସ୍ୟ ଜ୍ୟୋତିପ୍ରକାଶ ବିଶ୍ୱାଳ କୁହନ୍ତି, 'ଏହି ଗାଁରୁ ପ୍ରାୟ ୩୭ଜଣ ଯୁବକ ସୈନ୍ୟବାହିନୀରେ ଚାକିରି କରିବା ଅତ୍ୟନ୍ତ ଗର୍ବର ବିଷୟ । ପୂଜାପାର୍ବଣରେ ଯେବେ ସେମାନେ ଗାଁକୁ ଫେରନ୍ତି ଗାଁ ଅଧିକ ଉତ୍ସବମୁଖର ହୋଇଉଠେ । ଯୁବପିଢିଙ୍କ ସହ ସେମାନେ ନିଜର ଅନୁଭୂତିକୁ ବାଣ୍ଟିଥାନ୍ତି, ଯାହାକି ସେମାନଙ୍କୁ ପ୍ରେରଣା ଯୋଗାଏ।' ଶିକ୍ଷକ ସୁଧାଂଶୁ ଶେଖର ଆଏଚ କୁହନ୍ତି, 'ଏହି ଗାଁର ଏକାଧିକାଂଶ ଯୁବକ ଦେଶ, ଜାତି ପାଇଁ ସୈନ୍ୟବାହିନୀରେ ଯୋଗ ଦେଇଛନ୍ତି। ସେମାନେ ନିଜ ପରିବାରକୁ ଛାଡ଼ି ସୀମାନ୍ତରେ ପ୍ରତିମୁହୂର୍ତ୍ତ ସତର୍କ ରହିବା ସହିତ ଆବଶ୍ୟକ ସ୍ଥଳେ ଶତ୍ରୁଙ୍କ ସହ ଲଢୁଛନ୍ତି। ଏହା ବିଲିପଡ଼ା ଗ୍ରାମବାସୀଙ୍କ ପାଇଁ ଗର୍ବର କଥା ।





ଅମରେନ୍ଦ୍ର ଧଳ


ସୁଧାଂଶୁ ରଞ୍ଜନ ଆଇଚ୍


କେଦାର କୁମାର ଆଇଚ୍


ଜ୍ୟୋତିପ୍ରକାଶ ବିଶ୍ୱାଳ

–ରଞ୍ଜିତ ରାଉତ








# ନୂଆବର୍ଷ

**ନିରୁପମା ବେହେରା**

ତୁ ଲେଖୁଥା ନୂଆବର୍ଷ କବିତା
ମୁଁ ଫେରିଯାଉଛି ପୁରୁଣା ନୀଡକୁ
ତୁ ଦୁଆରେ ଆଙ୍କିଥା
ଆକଟର ତିନିରେଖା
ମୁଁ କାଗଜର ଡେଣାହଲେ ନେଇ
ଉଡାଣ ଭରିଲି ଗଗନକୁ
ତୋର ଆଉ ଅପେକ୍ଷା ନାଇଁରେ ବୁଢ୍ଡ
ତୁ ଲେଖୁଥା 'ନୂଆବର୍ଷ'
ଯୋଗାଡୁଥା ନୁଆ ନୁଆ ଶବ୍ଦ

ଆଙ୍କୁଥା ପହିଲି ସୂର୍ଯ୍ୟ, ଝିଲମିଲ ସଂଜ
ମୁଁ ଫେରିଲି ମୋ ପୁରୁଣା ରତୁକୁ
ଗୋଟେ ନୁଆଣିଆ ଚାଳଘରେ
ପକ୍ଷୀହଳେ ଗୁଣୁଗୁଣୁ' ପ୍ରେମର ଗଜଲ
ରାତି ଆଉ ଜହ୍ନ ଯେଉଁଠି ନିବିଡ
ଆଶ୍ଳେଷରେ।

*-ଝାରଖଣ୍ଡ*
*ମୋ: ୯୪୩୮୩୪୪୬୫୬*

# ନୂଆବର୍ଷ

**-ମନୋଜ ମହାନ୍ତି**

କୁହୁଡ଼ିର ଭିଡ଼ କାଟି କାକରରେ ଭିଜିଭିଜି
ଏଥର ବି ତୁମେ ଆସ ସବୁଥର ପରି
କେମିତି ଜାଣିବି ମୁଁ ଯେ ମୋ ପାଇଁ ଆସୁଛ ତୁମେ
ଶୁଭ କାମନାର ଫୁଲଧରି ।
ଶୀତର ଅଳସ ଓଠେ
ତୁମେ ମିଠା ଗୀତଟିଏ
ସମୟର ସିଲଟରେ
ଦରଦୀ ସ୍ୱାକ୍ଷରଟିଏ
ବିଷ କି ପୀୟୂଷ ଜାଣେନା ଆଣୁଛ
ଜୀବନେ ଦେବାକୁ ଭରି

ଏଥର ବି ତୁମେ ଆସ ସବୁଥର ପରି।
ତାରାର ତୁଠରେ ତୁମେ
ନୂଆ ପାଦଚିହ୍ନଟିଏ
ସ୍ମୃତିର ହଳଦୀ ହାତେ
ତୁମେ ଅଙ୍କା ଛବିଟିଏ
ଜହ୍ନ ଅବା ଜୁଇ କେଉଁ ରୂପ ନେଇ
ଆସୁଛ ଯିବାକୁ ଫେରି
ଏଥର ବି ତୁମେ ଆସ ସବୁଥର ପରି।

***-ଶତାବ୍ଦୀ ନଗର, ଭୁବନେଶ୍ୱର-୩***
*ମୋ: ୯୪୩୮୭୭୧୮୮୦/୯୮୬୧୧୪୮୮୯୮*

# ପରିବର୍ତ୍ତିତ କ୍ୟାଲେଣ୍ଡର

**-ସୁପ୍ରିୟା ପଣ୍ଡା**

ଜାନୁଆରୀ ପହିଲାରୁ ନୂଆ କ୍ୟାଲେଣ୍ଡର ଧରି ବର୍ଷଯାକର ପର୍ବ, ପର୍ବାଣୀ, ତିଥି, ବାର ଉପରେ ନଜର ପକେଇ ଆଣିଲେ ଯାଇ ମନ ଶାନ୍ତି ହୁଏ ରାଧାନାନୀର। ସେ ହିସାବରେ ଯୋଜନା କରିବା ସହଜ ହୁଏ। କେବେ କେଉଁଦିନ ଶନିବାର, ରବିବାର ଦେଖି ଛୁଟି ପଡ଼ିଲେ କୁଆଡ଼େ ଯିବା ଆସିବା ତାଲିକାଟା ମନ ଭିତରେ ବନେଇ ନିଏ ସେ। ହେଲେ ଏ ବର୍ଷ ! ସେ କ୍ୟାଲେଣ୍ଡର ଓଲଟେଇ ଦେଖିବ କରୋନାରେ ଚାଲିଯାଇଥିବା ତା' ବାପାଙ୍କର ବର୍ଷିକିଆ ଶ୍ରାଦ୍ଧଟା କେବେପଡ଼ିବ ! ଚାକିରି ହରେଇ ସାରିଥିବା ପରେ ବି ବ୍ୟାଙ୍କ ଋଣ ଆଉ କେତେଟା କିସ୍ତିରେ ଶୁଝିହେବ ! ଯେତିକି ଟଙ୍କା ଅଛି ସେତିକିରେ ଆଉ କେତେଦିନ ଘର ଚଳେଇହେବ ! ଦୀର୍ଘନିଃଶ୍ୱାସ ଛାଡିଲା ସେ। ସେ ବଞ୍ଚିଛି ଅର୍ଥାତ୍ ତାକୁ କ୍ୟାଲେଣ୍ଡର ଓଲଟେଇବାକୁ ହେବ । ଯାହା ଶିଖେଇ ଦେଇଛି ରୋଗ ଓ ବନ୍ଧୁବାନ୍ଧବଙ୍କ ବ୍ୟବହାର ତାକୁ ହେଜି କାମ କରିବାକୁ ହେବ । କ୍ୟାଲେଣ୍ଡରର ଯେତିକି ଫର୍ଦ୍ଦ ସେତିକି ମୁହଁରେ ହସ ଫୁଟେଇବାର ସଂକଳ୍ପ କରିବାକୁ ହେବ ।

ରାଧା ନାନୀ ପୁରୁଣା କ୍ୟାଲେଣ୍ଡର ଉପରେ ଥିବା ଜଗନ୍ନାଥଙ୍କ ଫଟୋକୁ ଚାହିଁ ହାତ ଯୋଡ଼ିଲା ।

*-ରସୁଲଗଡ଼, ଭୁବନେଶ୍ୱର*
*ମୋ: ୮୮୯୫୫୬୦୫୫୦*


# ସଙ୍ଗୀତ ନିର୍ଦ୍ଦେଶନା

**-ପବିତ୍ର ମୋହନ ଦାଶ**

ଆଙ୍ଗୁଠିର ନିର୍ଦ୍ଦେଶ ମାନିଲେ ନାହିଁ
ଯନ୍ତ୍ରର କୌଣସି ରିଡ଼
ଗୁଞ୍ଜରି ଉଠିଲା କିନ୍ତୁ
ସ୍ୱରଗ୍ରାମ ସେପାରିର ସ୍ୱର,
କଳ୍ପିତ ନୋଟ ଲାଗିଲା ନାହିଁ
ଛାଏଁ ଖେଳିଲା
ଅଲଗା ଝଙ୍କାର ।
ଗଣିତ ଭାଙ୍ଗି ଦୁଲୁକିଲା ତାଳ
କେତେ ମାତ୍ରା
ପଚାରି ଥକି ଗଲା ବାଦକ ପ୍ରବର ।
ଦ୍ରୁତ ଲୟ ଡେଇଁ ବହିଲେ ନଈ

ବିଳମ୍ବିତର ତଳେ ନାଚିଲା
ବଙ୍ଗୋପସାଗର ।
ଏ କଣ ନୂଆ ସଙ୍ଗୀତ ?
ନିର୍ଦ୍ଦେଶକ ମୂକ
କେ ଦେବ ଉତ୍ତର ?

*-ଇଂରାଜୀ ବିଭାଗ,*
*ଶାସ୍ତ୍ରୀସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ,*
*ବାଲିପୁଟ, ପୁରୀ*
*ମୋ:୯୪୩୭୨୦୭୫୪୮*



# ଧରିତ୍ରୀ ୨୦୨୨

## ଜାନୁୟାରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

## ଫେବୃୟାରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

## ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ମେ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

## ଅକ୍ଟୋବର


| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |



ମଡେଲ : ଶାନ୍ଭୀ
ଫଟୋ ସୌଜନ୍ୟ : କୁମାର ଶରତ,ଧରିତ୍ରୀ

୨୬.୧: ସାଧାରଣତନ୍ତ୍ର ଦିବସ, ୫.୨: ଶ୍ରୀପଞ୍ଚମୀ, ୧.୩: ମହାଶିବରାତ୍ରି, ୧୯.୩: ହୋଲି, ୧୪.୪: ମହାବିଷୁବ ସଂକ୍ରାନ୍ତି, ୩.୫: ଇଦ୍-ଉଲ୍-ଫିତର୍, ୧୫.୬: ରଜ ସଂକ୍ରାନ୍ତି, ୧.୭: ରଥଯାତ୍ରା, ୧୫.୮: ସ୍ୱାଧୀନତା ଦିବସ, ୩୧.୮: ଗଣେଶ ଚତୁର୍ଥୀ, ୫.୧୦: ଦଶହରା, ୨୫.୧୦: ଦୀପାବଳି, ୨୫.୧୨: ଖ୍ରୀଷ୍ଟମାସ୍

Alishan men's exclusive since 1996 60 Janpath, Bhubaneswar, Ph.: 2534077
AMBER Fashionable Textile Shoppee Janpath, Patrapada, Lingipur, Chandrasekharpur, BBSR
HCG PANDA CANCER HOSPITAL adding life to years
IBS TWISHA EDUCATIONAL PVT. LTD. A UNIQUE DAY-CUM-RESIDENTIAL INSTITUTE FOR NEET / AIIMS, JEE-MAIN/JEE ADVANCED, ICAR/ OUAT, +2 SCIENCE CBSE/CHSE
Oberai Bakers & Cafe Cuttack Road Bhubaneswar
NEWTON COLLEGE OF +2 SCIENCE DEBEIPALI (MAJHIPALI), SAMBALPUR
Gitanjali AWARDS www.gitanjaliawards.com
KIIT Higher Secondary School +2 Science Campus FULLY RESIDENTIAL www.kiitsciencecollege.org
ELECTRONICS, DIGITALS & FURNITURES SHOWROOM GUPTA DISTRIBUTORS No.1 Retail Chain Stores
Odi-Ray Industries Limited
PRIYADARSHINI No. 1 Orissa weaver's Organisation Market Building, Bhubaneswar VIP Road, Puri
Virat MEDICAL . IIT-JEE . FOUNDATIONS DIVISION OF VIRATIAN EDUCATIONAL SERVICES PVT. LTD.
SECOND WIFE KITCHEN A Pure Home Traditional Based Kitchen
PANDA TRAVEL MART
RITA TVS BHUBANESWAR
Sibastaka Churna
RUCHI FROZIT Since 1976 your health our wealth
BHARAT ELECTRONICS & HOME APPLIANCES

ପ୍ରଥମ ରୋଜଗାର

# ଗରିବ ପିଲାଙ୍କ ପାଇଁ ପାଠ୍ୟ ଉପକରଣ କିଣିଥିଲି



ସାମାଜିକ କର୍ମୀ ଭବାନୀ ଭୂୟାଁ ନିଜ ପ୍ରଥମ ରୋଜଗାର ସଂପର୍କରେ ଯାହା କୁହନ୍ତି ..

ପିଲାଦିନେ ବେଳେ ବେଳେ ଭାବେ ଚାକିରୀ କରିବି । ବାପା, ମାଆଙ୍କୁ ଆଣି ପାଖରେ ରଖିବି କିନ୍ତୁ ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ଚିନ୍ତାଧାରା ବି ପରିବର୍ତ୍ତିତ ହେବାକୁ ଲାଗିଲା ।ମୁଁ ମୋର ପ୍ରଥମ ରାଜନୈତିକ କର୍ମକ୍ଷେତ୍ରରୁ (ବାଲିଆପାଳରୁ) ଫେରିବା ପରେ ସାଇବସ୍ତିରେ କିଛି ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ାଉଥିଲି । ଯେହେତୁ ପାଠପଢ଼ାରେ ସେମାନେ ଦୁର୍ବଳ ଥିଲେ ଏବଂ ପାଠପଢ଼ାରେ ଆଦୌ ମାନଯୋଗ ଦେଉନଥିଲେ । ସେହି ପିଲାମାନଙ୍କୁ ପେଶାଦାର କୋଚିଂ ଶ୍ରେଣୀ ପାଇଁ ତାଙ୍କ ବାପାମାଆଙ୍କ ପାଖରେ ସେମିତି ବିଶେଷ ସମ୍ବଳ ବି ନଥିଲା । ମୁଁ ବି.ଇଡି. ପଢ଼ା ସାରିଦେଇଥିଲି ସେତେବେଳେ । ମୋର ସେହି ବିଶେଷ ଡିଗ୍ରୀ ଏବଂ ଆଗ୍ରହ ଯୋଗୁଁ ମୁଁ ସେମାନଙ୍କ ପାଠପଢ଼ାର ଦାୟିତ୍ୱ ନେଲି । ମାସେ ଦେଢ଼ ମାସ ପଢେଇଲା ପରେ ସେମାନେ ଯେତେବେଳେ ମାସିକ ଦରମା ଭାବରେ କିଛି ଟଙ୍କା ଆଣି ମୋତେ ଦେଲେ ସଂକୋଚ ଯୋଗୁଁ ମୁଁ ପ୍ରଥମେ ନେଇ ପାରିଲି ନାହିଁ । ପରେ ପରେ ସେମାନଙ୍କ ବାପା ମାଆ ଶ୍ରଦ୍ଧାରେ ବଳେଇ ଦେବାରୁ ମୁଁ ଆଣିଲି । ନିଜ ପାଇଁ କିଛି ଖର୍ଚ୍ଚ କରି ହୁଏ ବୋଲି ଭାବି ହେଲାନି ସେହି ସମୟରେ। ପର୍ସରେ ନିଜ ଅର୍ଜିତ ରୋଜଗାରର ପୁଲକକୁ ବାନ୍ଧି ମୁଁ ବଜାରକୁ ଆସିଲି। ସେଇ ପଇସାରେ ସେହି ପିଲାମାନଙ୍କ ପାଇଁ ଖାତା, ବହି, ସ୍କେଲ, ସ୍ଲେଟ, ପେନସିଲ, ରବର ଇତ୍ୟାଦି କିଣିଲି । ପାଠପଢ଼ା ପାଇଁ ଆବଶ୍ୟକୀୟ ଉପକରଣ ନଥିବା ପିଲାଙ୍କଠାରୁ ପାଠ ପଢା ପାଇଁ ପଇସା ନେବାକୁ ମନ କହୁ ନ ଥିଲେ ହେଁ ସେମାନଙ୍କ ସ୍ୱାଭିମାନରେ ବାଧା ଦେବାକୁ ଇଚ୍ଛା ନ ଥିଲା । ତେଣୁ ସେହି ସମୟରେ ସେମାନଙ୍କ ପାଇଁ ପାଠ୍ୟ ଉପକରଣ କିଣିବାକୁ ମନ କହିଲା । ତା ପରଦିନ ମୋ ଉପହାରକୁ କେମିତି ଗ୍ରହଣ କରିବେ ଭାବି ଟିକେ ଚିନ୍ତାରେ ଥିଲି। ସେମାନେ ସେସବୁ ଖୁବ୍ ଖୁସିରେ ଗ୍ରହଣ କରି ମୋତେ ଅଧିକ ଖୁସି ଦେଲେ । ପହିଲି ରୋଜଗାରର ପୁଲକ ମୁଁ ସେମାନଙ୍କ ଖୁସିରେ ପାଇଥିଲି । ପରେ ପରେ ମାସକୁ ଥରେ ସେମାନଙ୍କ ଲାଗି ଏକ ପ୍ରତିଯୋଗିତା ଆୟୋଜନ କରେ । ମହାପୁରୁଷମାନଙ୍କ ଜୀବନୀ, ଗୀତ, ନାଚ, ଚିତ୍ର, ନିଜ ଅନୁଭୂତି, କବିତା ଲେଖିବା, ଗପ ଲେଖିବା ଇତ୍ୟାଦି ଉପରେ ସେହି ପ୍ରତିଯୋଗିତା ହୁଏ। ସେମାନଙ୍କ ଟ୍ୟୁସନ୍ ପଇସା ଓ ବାପାମାଙ୍କଠାରୁ ମୋ ପାଇଁ ମୁଁ ଆଣୁଥିବା ପଇସାକୁ ମିଶାଇ ସେମାନଙ୍କ ପାଇଁ ଉପହାର ଆଣେ ଏବଂ ସେମାନଙ୍କୁ ପୁରସ୍କୃତ କରେ। ସେମାନେ ସେମାନଙ୍କ ଅର୍ଜନରେ ସେସବୁ ପାଉଛନ୍ତି ବୋଲି ତାଙ୍କ ଭିତରେ ଆତ୍ମବିଶ୍ୱାସ ତିଆରି କରି ସଫଳ ହୁଏ। ସେମାନଙ୍କ ଖୁସିରେ ମୋତେ ବି ବହୁତ ଖୁସି ଲାଗେ। ହଁ ମନେ ଅଛି , ସେମାନେ ଗୀତ ଶୁଣି ନାଚିବେ ବୋଲି ଗୋଟେ ଟେପରେକର୍ଡର୍ କମ ରେଡ଼ିଓଟେ କିଣିଥିଲି । ବହୁତ ଦିନ ସେହି ସବୁ କାର୍ଯ୍ୟକ୍ରମ ଚାଲିଥିଲା । ପିଲାମାନେ ବିଭିନ୍ନ ଜାଗାରେ ମଧ୍ୟ ଗୀତ ନାଚ କାର୍ଯ୍ୟକ୍ରମ କରି ପ୍ରଶଂସା ଓ ପୁରସ୍କାର ପାଇଥିଲେ ।ଏହି ଖୁସିଠାରୁ ଆଉ ଅଧିକା ଖୁସି ବୋଲି କଣ କିଛି ଅଛି ?

# ମନ ସାଙ୍ଗେ ମନ ବସିଛି ମିତ, ଶୀତରେ ଗାଉଛି ପ୍ରେମର ଗୀତ

ସାଥୀ



**ପ୍ରଶ୍ନ–** ଜଣେ ସୁନ୍ଦରୀ ମନ ସହ ମୋ ମନ ମିଶି ଯାଇଛି। ଏହି ଶୀତ ଦିନରେ ତା' ପାଇଁ ଗୋଟିଏ ଗୀତ ଲେଖିଛି। ତାକୁ ସେ ଗ୍ରହଣ କରିବ ତ ?

*–ସୁଜିତ ସାହୁ, ନବରଙ୍ଗପୁର*

**ଉତ୍ତର:** ସୁନ୍ଦରୀ ମନ ସହ ଯେତେବେଳେ ମନ ମିଶିଯାଇଛି, ସେତେବେଳେ ଆଉ ପଛକୁ ଚାହୁଁଛନ୍ତି କିଆଁ ? ଦୁଇପଟରୁ ଯଦି ସିଗ୍ନାଲ ଠିକ୍ ଧରିଛି, ତେବେ ଆଗକୁ ମାଡିଯିବା କଥା। ଯଦି 'କଣ କରିବି' ବୋଲି ଚିନ୍ତା କରନ୍ତି, ତେବେ ଚାନ୍ସଟା ହାତରୁ ଖସି ଯାଇପାରେ। ପୁଣି ନିଜ ମନର ମାନସୀ ପାଇଁ ଯେଉଁ ଗୀତଟି ଲେଖିଛନ୍ତି ତାହା ତ ନିଶ୍ଚୟ ପ୍ରେମକୁ ଆଧାର କରି ହୋଇଥିବ। 'ମନ ସାଙ୍ଗେ ମନ ବସିଛି ମିତ, ଶୀତରେ ଗାଉଛି ପ୍ରେମର ଗୀତ।' ବାସ୍, ସେହି ଗୀତକୁ ସ୍ୱର କରି ପ୍ରେମିକାକୁ ଶୁଣାଇ ଦିଅନ୍ତୁ ନା ! ଯଦି ଗୀତର ସ୍ୱର, ତାଳ, ଲୟ ଠିକ୍ ରହିଲା ତେବେ ଆପଣଙ୍କ ପ୍ରେମର ଗାଡି ଆଉ ଦୁଇ ପାଦ ଆଗକୁ ଆଗେଇ ଯିବ।

**ପ୍ରଶ୍ନ–**ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଏହି ସମୟରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଦୀପକ ପ୍ରହରାଜ, କଟକ*

**ଉତ୍ତର:** ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି? ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତିକି ଏକାଥରେ ସେ ସୁନ୍ଦରୀ ହୃଦୟରେ ଆପଣଙ୍କ ମନ ସବୁଦିନ ପାଇଁ ବସାଟିଏ ବାନ୍ଧି ପାରିବ।

**ପ୍ରଶ୍ନ–**ଥରେ ବସ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି।

*–ଅଜିତ କୁମାର, ବଡବିଲ*

**ଉତ୍ତର:** ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ। ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନ୍‌ସନ୍‌ର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ–**ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*–ଅନିକେତ, ଜଗତସିଂହପୁର*

**ଉତ୍ତର:** ପ୍ରଶ୍ନରୁ ଯାହା ଜଣାପଡୁଛି, ଏହି ପ୍ରେମରେ କେଉଁଠି କେଁ ରହିଯାଉଛି। ସେ ଝିଅ ଆପଣଙ୍କ କଥା ଶୁଣି ହସି ଦେଉଛି, ଏଥିରୁ ଅନୁମାନ କରିହେଉଛି ଯେ ଦୁଇ ପଟରୁ ଗ୍ରୀନ୍ ସିଗ୍‌ନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।


**ପ୍ରଶ୍ନ–**ଝିଅଙ୍କ ନଖରାମିରେ ପ୍ରେମ ଲୁଚି ରହିଥାଏ କି ?

*–ତପନ ସାହୁ, କେନ୍ଦୁଝର*

**ଉତ୍ତର:** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ବେଳେବେଳେ ସେହି ନଖରାମିରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲ୍‌କା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

# ମେଘନାଙ୍କ ପ୍ରଶଂସାରେ ସାନା

ସାନା ଫତିମା ସେଖ୍ ଏବେ ଜଣଙ୍କ ପ୍ରଶଂସାରେ ଶତ ମୁଖ। କାରଣ ସେପରି ଜଣେ ନାମୀ ନିର୍ଦ୍ଦେଶକଙ୍କ ସହ କାମ କରିବାକୁ ସେ ଚାହିଁ ବସିଥିଲେ। ଯେତେବେଳେ ତାଙ୍କୁ ଏପରି ସୁଯୋଗ ମିଳିଲା, ସେତେବେଳେ ସେ ଆଗପଛ ବିଚାର ନ କରି ହଁ ଭରିଥିଲେ। ଆଉ ସେହି ନିର୍ଦ୍ଦେଶକ ଜଣକ କିଏ ଜାଣନ୍ତି ? ମେଘନା ଗୁଲଜାର। ମେଘନାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଛି ନୂଆ ହିନ୍ଦୀ ସିନେମା 'ସାମ୍ ବାହାଦୁର'। ଏହାର ଶୀର୍ଷକ ଭୂମିକାରେ ଅଭିନୟ କରୁଛନ୍ତି ଭିକି କୌଶଲ। ଏଥିରେ ଭିକିଙ୍କ ଅପୋଜିଟ୍‌ରେ କିଏ ଅଭିନୟ କରିବେ ସେଥିପାଇଁ ଦୋଛକିରେ ପଡିଥିଲେ ମେଘନା। ଏତିକି ବେଳେ ତାଙ୍କୁ ଭିକି ପରାମର୍ଶ ଦେଇଥିଲେ ଯେ, ଏହି ରୋଲ୍ ପାଇଁ କେବଳ ସାନା ଫତିମା ସେଖ ହିଁ ଫିଟ୍। ତାଙ୍କର ଏପରି ପରାମର୍ଶକୁ ଗ୍ରହଣ କରିବା ସହ ବିଳମ୍ବ ନ କରି ସାନାଙ୍କ ସହ ଯୋଗାଯୋଗ କରାଯାଇଥିଲା। ଆଉ ଏପରି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇବାକୁ ସତେ ଯେମିତି ସାନା ଅପେକ୍ଷା କରି ବସିଥିଲେ। ଏ ସମ୍ପର୍କରେ ସାନା କହନ୍ତି, 'ମେଘନାଙ୍କ ପରି ନିର୍ଦ୍ଦେଶକଙ୍କ ଅଧିନରେ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଯେତେବେଳେ ସେ ଏ ନେଇ ମୋତେ ଯୋଗାଯୋଗ କଲେ ମୁଁ ବିଳମ୍ବ ନ କରି ହଁ ଭରିଥିଲି। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।' ଏଥିରେ ସାନାଙ୍କୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମରେ ଭିକି-ସାନାଙ୍କ ଯୋଡି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।


ସାନା


# ଡେଟ୍ ପାଇଁ...

କଥାରେ ଅଛି- ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଦିଶା ପଟାନିଙ୍କ ହାତରେ କେମିତି ଅଫର୍ ପରେ ଅଫର୍। ପୂର୍ବରୁ ସେ ସାଇନ୍ କରିଥିବା କେତୋଟି ସିନେମା ପାଇଁ ଡେଟ୍ ଫିକ୍ସ କରିସାରିଛନ୍ତି। ତେବେ ବର୍ତ୍ତମାନ ନୂଆ ସିନେମା ପାଇଁ ତାଙ୍କ ହାତରେ ଆଉ ସମୟ ନାହିଁ। ତଥାପି ସେ ସାଇନ୍ କରିଥିବା ଦୁଇଟି ନୂଆ ସିନେମା ପାଇଁ ଡେଟ୍ ଆଡଜଷ୍ଟ କରିଛନ୍ତି। ତେବେ ଆଉ ଏକ ସିନେମା ପାଇଁ ସେ ଅଡୁଆରେ ପଡିଛନ୍ତି। ଏ ନେଇ ଦିଶା କହନ୍ତି, 'ନିକଟରେ ମୁଁ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ଫିଲ୍ମ ସାଇନ୍ କରିଛି। ଦୁଇଟି ଫିଲ୍ମ ପାଇଁ କୌଣସି ପ୍ରକାରେ ଡେଟ୍ ଫାଇନାଲ କରିଛି। ହେଲେ ଆଉ ଏକ ପ୍ରୋଜେକ୍ଟକୁ କିପରି ସମୟ ଦେବି ତାହା ମୋ ପାଇଁ ମୁଣ୍ଡ ବିନ୍ଧାର କାରଣ ସାଜିଛି। ବର୍ତ୍ତମାନ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ତାହାକୁ ଭଲ ଭାବରେ ଅନୁଧ୍ୟାନ କରୁଛି। କେବଳ କାହାଣୀ ନୁହେଁ, ସେଥିରେ ମୋର ଭୂମିକାଟି କିପରି ଅଛି ସେ ନେଇ ଭଲ ଭାବରେ ବୁଝୁଛି। ଏଣୁ ତେଣୁ ଗୁଡାଏ ଫିଲ୍ମ ସାଇନ୍ କଲେ କିଛି ଲାଭ ନାହିଁ। ସେଥିପାଇଁ ଦେଖିଚାହିଁ ପାଦ ପକାଇବାକୁ ପଡୁଛି। ଶସ୍ତା ଲୋକପ୍ରିୟତା ପାଇଁ ମୁଁ ଅଯଥାରେ ଅଙ୍ଗ ପ୍ରଦର୍ଶନ ସପକ୍ଷରେ ନୁହେଁ। ଏଥିପାଇଁ ମୁଁ ପୂର୍ବରୁ କେତୋଟି ଭଲ ଭଲ ଅଫର ହାତଛଡା କରିଛି।' ତେବେ ଦିଶା ସାଇନ୍ କରିଥିବା ସିନେମାଗୁଡିକ ଭବିଷ୍ୟତରେ ତାଙ୍କ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ଦେଖିବାକୁ ବାକି ରହିଲା।


ଦିଶା

# ଅନୁଶୋଚନା କରୁନାହାନ୍ତି ଜନ୍

ଜନ୍ ଆବ୍ରାହମ୍ ନିକଟରେ ୪୯ ବର୍ଷ ବୟସରେ ପାଦ ଦେଇଛନ୍ତି। ଏହି ଜନ୍ମଦିନକୁ ସେ ନିଜର କେତେଜଣ ସାଙ୍ଗଙ୍କ ସହ କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ପାଳନ କରିଥିଲେ। ଏହି ଅବସରରେ ସେ ନିଜ ବଲିଉଡ୍ କ୍ୟାରିୟରକୁ ନେଇ ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। ୨୦୦୪ରେ ମୁକ୍ତିଲାଭ କରିଥିବା 'ଧୂମ୍' ଫିଲ୍ମ ତାଙ୍କୁ ବେଶ୍ ମାଇଲେଜ୍ ଦେଇଥିଲା। ମଡେଲିଂରୁ ଆକ୍ଟର ପାଲଟିଥିବା ଜନ୍ ଇତିମଧ୍ୟରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି। ତେବେ ନିଜ ବଲିଉଡ୍ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ହିନ୍ଦୀ ସିନେମାରେ ମୋତେ ଯେତିକି ନେମ୍ ଫେମ୍ ମିଳିଛି ସେଥିପାଇଁ ମୁଁ ଦର୍ଶକଙ୍କ ନିକଟରେ ଋଣୀ। ଏ ନେଇ ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ ବୋଲି କହିବି। ଏବେ ମୋ ଅଭିନୀତ 'ଏକ ଭିଲେନ୍ ରିଟର୍ନସ୍, ଆଟାକ୍ ଏବଂ 'ପଠାନ୍' ରିଲିଜ ଅପେକ୍ଷାରେ ରହିଛି। ଏଗୁଡିକରେ ମୋ ଭୂମିକାରୁ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ଆଶା ରଖିଛି। ଏ ପର୍ଯ୍ୟନ୍ତ ବଲିଉଡ୍‌ରୁ ମୋତେ ଯେତିକି ସଫଳତା ମିଳିଛି ତାହାକୁ ନେଇ ମୁଁ ଖୁସି। ମୋର କିଛି ଫିଲ୍ମ ଫ୍ଲପ୍ ହୋଇଛି, ତାକୁ ନେଇ ଅନୁଶୋଚନା ମଧ୍ୟ କରୁନି। କାରଣ ମୁଁ ସବୁବେଳେ ଭୁଲ୍‌ରୁ କିଛି ଶିଖିବାକୁ ଚେଷ୍ଟା କରିଥାଏ।'


ଜନ୍



ଅନ୍ୱେଷା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ- ଅଖିଲ୍ ରଞ୍ଜନ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ହୀରା ହାର

ସ୍ତ୍ରୀ ସକାଳୁ ସକାଳୁ ଉଠି ସ୍ୱାମୀଙ୍କୁ: ହେଇଟି ଶୁଣୁଛ, ଉଠ ମ' ଟିକେ। ଜାଣିଛ ମୁଁ ସ୍ୱପ୍ନ ଦେଖିଲି ତମେ ମୋ ପାଇଁ ହୀରାର ହାର ଆଣି ଦେଇଛ।

ସ୍ୱାମୀ: ହଉ, ଆଉ ଥରେ ଶୋଇପଡ। ଆଉ ସ୍ୱପ୍ନରେ ସେ ହାରକୁ ପିନ୍ଧିନିଅ।

## ଇଜ୍ଜତ

ନିଘୋଡ ନିଦରେ ଶୋଇଥିବା ପୁଅକୁ ଜବରଦସ୍ତ ହଲାଇ ହଲାଇ ଉଠାଇ

ବାପା: ବଡ ଆରାମରେ ଶୋଇଛୁ। ସ୍କୁଲ କ'ଣ ପାଇଁ ଗଲୁନି ?

ପୁଅ: ମୁଁ ଆପଣଙ୍କ ପୁଅ। ଆପଣଙ୍କ ପ୍ରତି କଥାକୁ ସମ୍ମାନ ଦିଏ। ସେଥିପାଇଁ ସ୍କୁଲ ଗଲିନି।

ବାପା: କ'ଣ ? ମୁଁ ତ ତତେ ସ୍କୁଲ ଯିବାକୁ ମନା କରିନି।

ପୁଅ: ନାଇଁ ଯେ, ହେଲେ ଆପଣ ହିଁ ତ କହିଥିଲେ ଗୋଟିଏ ଜାଗାକୁ ବାରମ୍ବାର ଗଲେ ଇଜ୍ଜତ ରହେନି।

## ଖୁସି

ରାମୁ ଖୁସି ହୋଇ ରାଜୁକୁ: ଜାଣିଛୁ ଆଜି ଟ୍ରେନ୍‌ରେ ଗଲାବେଳେ ପ୍ରଥମ ଥର ପାଇଁ ଏକ ସୁନ୍ଦର ଝିଅ ମୋ ସହ କଥା ହେଲା।

ରାଜୁ: ସତ ! ସେ କ'ଣ କହିଲା ?

ରାମୁ: ସେ କହିଲା, 'ଉଠ ! ଏଇଟା ଲେଡିଜ୍ ସିଟ୍।'

# ନୂଆବର୍ଷରେ ଭ୍ରମଣ



**ନୂଆବର୍ଷ ଆସିଲେ ପାର୍ଟି, ଫଙ୍କ୍‌ଶନ, ପିକ୍‌ନିକ୍ ଇତ୍ୟାଦିର ପ୍ଲାନିଂ କରିବା ସାଧାରଣ କଥା। ଯଦି ଆପଣ ମଧ୍ୟ ସେମିତି କିଛି ଯୋଜନା କରୁଥାନ୍ତି, ତା'ହେଲେ ଏଠାରେ ଦିଆଯାଇଥିବା କିଛି ଖାସ୍ ଡେଷ୍ଟିନେଶନ ମଧ୍ୟରୁ କାହାକୁ ବି ଚୟନ କରିପାରିବେ। କାରଣ ଏହିସବୁ ସ୍ଥାନଗୁଡ଼ିକରେ ବେଶ୍ ଆକର୍ଷଣୀୟ ଢଙ୍ଗରେ ନୂତନ ବର୍ଷକୁ ସ୍ୱାଗତ କରାଯାଇଥାଏ ; ଯେଉଁଠାକୁ ଗଲେ ନିଆରା ଅନୁଭୂତି ମିଳିବା ସହ ସ୍ଥାନୀୟ କିଛି ପର୍ଯ୍ୟଟନସ୍ଥଳୀ ଦେଖିବାର ସୁଯୋଗ ମିଳିଥାଏ...**

କରୋନା ମହାମାରୀକୁ ନେଇ ଲୋକଙ୍କ ମନରୁ ଭୟ ସମ୍ପୂର୍ଣ୍ଣ ଦୂର ହୋଇ ନ ଥିଲେ ବି ଆଗକୁ ଆସୁଥିବା ନୂଆବର୍ଷରେ କୁଆଡ଼େ ଟିକେ ବୁଲି ଆସିବାକୁ ହୁଏତ ଆମ ଭିତରୁ ଅନେକେ ପ୍ଲାନିଂ କରିବେଣି। ଯଦି ଆପଣଙ୍କର ବି ଏମିତି କିଛି ପ୍ଲାନିଂ ରହିଛି, ତା'ହେଲେ ଏଠାରେ ଉଲ୍ଲେଖ କରାଯାଇଥିବା ଯେ କୌଣସି ଡେଷ୍ଟିନେଶନକୁ ଚୟନ କରିପାରିବେ। ତା'ସହିତ ବୁଲିଗଲାବେଳେ ସାଙ୍ଗରେ କରୋନାର ଦ୍ୱିତୀୟ ଡୋଜ୍ ଭାକ୍‌ସିନ୍‌ର୍ ସାର୍ଟିଫିକେଟ୍, ମାସ୍କ ଓ ସାନିଟାଇଜର୍ ନିଶ୍ଚୟ ନେଇକି ଯିବେ। ଏଥିସହିତ ସାମାଜିକ ଦୂରତା ରକ୍ଷା କରି ନିଜ ହୁସିଆରରେ ବୁଲିଗଲେ ନୂଆବର୍ଷର ଛୁଟିକୁ ବେଶ୍ ଭଲରେ ଉପଭୋଗ କରିପାରିବେ। ତା'ହେଲେ ଆସନ୍ତୁ ଜାଣିବା କେତୋଟି ଖାସ୍ ନ୍ୟୁ ଇୟର୍ ଡେଷ୍ଟିନେଶନ ସମ୍ପର୍କରେ...

**✲ଗୋଆ:** ଏହା ଏମିତି ଏକ ସ୍ଥାନ ଯେଉଁଠାରେ ଖ୍ରୀଷ୍ଟମାସ ହେଉ ଅବା ନୂଆବର୍ଷକୁ ବେଶ୍ ଆନନ୍ଦର ସହକାରେ ପାଳନ କରାଯାଇଥାଏ। ଚାରିଆଡ଼େ ରଙ୍ଗିନ ଆଲୋକମାଳାର ସାଜସଜ୍ଜା ସାଙ୍ଗକୁ ମ୍ୟୁଜିକ୍ ଫେଷ୍ଟିଭାଲ୍‌ର ଆୟୋଜନ ଏଠାକାର ପରିବେଶକୁ କରିଦେଇଥାଏ ବେଶ୍ ରଙ୍ଗିନ୍। ତା'ସହିତ ଗୋଆ ବିଚ୍‌ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଝଲକ ବି ଦେଖିବାକୁ ମିଳିଥାଏ ; ଯାହା ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ।


**✲ଉଦୟପୁର:** ରାଜସ୍ଥାନର ଉଦୟପୁର ବି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ, ଯେଉଁଠାରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଜୋର୍‌ସୋର୍‌ରେ ପ୍ରସ୍ତୁତି କରାଯାଇଥାଏ। ଏଠାରେ ପର୍ଯ୍ୟଟକଙ୍କ ନିମନ୍ତେ ଖୁବ୍ ଶସ୍ତାରୁ ଆରମ୍ଭ କରି ନାମୀଦାମୀ ହୋଟେଲ୍‌ର ବ୍ୟବସ୍ଥା ରହିଛି। ତା'ଛଡ଼ା ଏହି ସବୁ ହୋଟେଲଗୁଡ଼ିକରେ ନୂଆବର୍ଷ ସେଲିବ୍ରେଶନ୍ ପାଇଁ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ବି ହୋଇଥାଏ। ରାତିରେ ଆତସବାଜି ସହ ସଙ୍ଗୀତର ତାଳେ ତାଳେ ଝୁମିଝୁମି ଲୋକେ ଏଠି ନୂତନ ବର୍ଷକୁ ସ୍ୱାଗତ କରିଥାନ୍ତି। କିନ୍ତୁ କରୋନା ମହାମାରୀ ପାଇଁ ଏଥର ସେତେ ଧୁମ୍‌ଧାମ୍‌ରେ ହୁଏତ ନୂଆବର୍ଷ ପାଳନ ନ ହୋଇପାରେ କିନ୍ତୁ ଏଠାରେ ଥିବା ଅନେକ ଐତିହାସିକ ପର୍ଯ୍ୟଟନସ୍ଥଳୀକୁ ବୁଲି ଦେଖିବାରେ ବି ନିଆରା ଆନନ୍ଦ ପାଇପାରିବେ ପର୍ଯ୍ୟଟକ।


**✲ଜୈସଲମେର୍:** କେବଳ ଉଦୟପୁର ନୁହେଁ ରାଜସ୍ଥାନର ଜୈସଲ୍‌ମେର୍ ବି ନୂଆବର୍ଷରେ ଛୁଟି କଟାଇବା ପାଇଁ ଖୁବ୍ ସୁନ୍ଦର ସ୍ଥାନ। 'ଦି ଗୋଲ୍ଡେନ୍ ସିଟି' ଭାବେ ପରିଚିତ ଏହି ସହରର ମୁଖ୍ୟ ଆକର୍ଷଣ ହେଉଛି ଜୈସଲମେର୍ ଦୁର୍ଗ। ତା'ଛଡା ଏଠାରେ ଓଟ ପିଠିରେ ବସି ବୁଲିବା, ପର୍ଯ୍ୟଟକଙ୍କ ପାଇଁ ବାଲି ଉପରେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା କ୍ୟାମ୍ପରେ ରହିବା ସାଙ୍ଗକୁ ରାଜସ୍ଥାନୀ ଖାଦ୍ୟର ସ୍ୱାଦ ନେବା ହିଁ କିଛିଟା ଅଲଗା ଅନୁଭୂତି ଦେଇଥାଏ ଆଗନ୍ତୁକଙ୍କୁ।


**✲ଜୟପୁର:** 'ଦି ପିଙ୍କ୍ ସିଟି' ଭାବେ ପରିଚିତ ରାଜସ୍ଥାନର ଜୟପୁରରେ ବି ନୂଆବର୍ଷ ଅବସରରେ ରଙ୍ଗିନ ଆଲୋକମାଳାର ସାଜସଜ୍ଜା ସାଙ୍ଗକୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିଥାଏ। ଖାସ୍‌କରି ଏଠାକାର ହାୱା ମହଲ, ଜଲ୍ ମହଲ୍, ସିଟି ପ୍ୟାଲେସ୍, ଆମେର୍ ଦୁର୍ଗ, ଜନ୍ତରମନ୍ତର ଇତ୍ୟାଦି ପର୍ଯ୍ୟଟନସ୍ଥଳଗୁଡ଼ିକୁ ନୂଆବର୍ଷ ପାଇଁ ଖୁବ୍ ସୁନ୍ଦର ଭାବେ ସଜା ଯାଇଥାଏ ; ଯାହାକୁ ଦେଖିବା ପାଇଁ ନୂଆବର୍ଷରେ ଏଠାରେ ଆଗନ୍ତୁକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ।


**✲କସୌଲୀ:** ହିମାଚଳପ୍ରଦେଶର କସୌଲୀରେ ବି ନୂଆବର୍ଷ ପାଳନ କରିବାକୁ ଯାଇପାରିବେ। ଏଠାରେ ନବବର୍ଷ ପାର୍ଟିର ଆନନ୍ଦ ନେବାସହ ପର୍ଯ୍ୟଟକ ଚାହିଁଲେ ସ୍ଥାନୀୟ କେତେକ ପର୍ଯ୍ୟଟନସ୍ଥଳୀ ବି ବୁଲି ଦେଖିପାରିବେ। କେବଳ କସୌଲୀ କାହିଁକି ତୁଷାରପାତର ଶୀତଳ ପରଶର ମଜା ନେବା ପାଇଁ ପର୍ଯ୍ୟଟକ ଚାହିଁଲେ ହିମାଚଳପ୍ରଦେଶର ମନାଲି ଆଡ଼େ ବି ବୁଲି ଯାଇପାରିବେ। ଏଠାରେ ତୁଷାରପାତ ହେଉଥିବାରୁ ସ୍କିଂ କରିବା ସହ ସ୍ନୋମ୍ୟାନ୍ ଓ ବରଫ ସହ ଖେଳିବାର ମଜା ବେଶ୍ ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ।

ତେବେ ଏହି ସବୁ ସ୍ଥାନ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ କେରଳ, ଆଣ୍ଡାମାନ ଓ ନିକୋବର ଦ୍ୱୀପ, ବେଙ୍ଗାଲୁରୁ, ଲାକ୍ଷାଦ୍ୱୀପ ଇତ୍ୟାଦି ସ୍ଥାନକୁ ମଧ୍ୟ ବୁଲିବାକୁ ଯାଇ ନିଆରା ଅନୁଭୂତି ନେବା ସହ ନୂଆବର୍ଷକୁ ବେଶ୍ ଆନନ୍ଦଉଲ୍ଲାସ ସହକାରେ ପାଳନ କରିପାରିବେ।









# ସବୁଠୁ ଛୋଟ ଘୋଡ଼ା

ଘୋଡ଼ା ତ ସମସ୍ତେ ଦେଖିଥିବେ। ଏହାର ଉଚ୍ଚତା, ବଳିଷ୍ଠ ଶରୀର ଓ ଦ୍ରୁତ ବେଗରେ ଦୌଡ଼ିବାର କ୍ଷମତା ସମସ୍ତଙ୍କ ମନ ଜିଣି ନିଏ। ତେବେ ଏମିତି ବି ଏକ ଘୋଡ଼ା ଅଛି; ଯାହାକୁ ଦେଖିଲେ ଆପଣ ଭାବିପାରିବେନି ଏହା ଏକ ଘୋଡ଼ା ବୋଲି। କାରଣ ତା' ଭିତରେ ଘୋଡ଼ାର କୌଣସି ବିଶେଷତ୍ୱ ଦେଖିପାରିବେ ନାହିଁ। କାରଣ ତା'ର ଆକାର ବହୁତ ଛୋଟ। ଏତେ ଛୋଟ ଯେ, ଲାଗେ ସତେ ଯେମିତି ତାହା ଏକ ଘୋଡ଼ା ନୁହେଁ ବରଂ ଏକ ଛୋଟିଆ କୁକୁର। ସେହି ଘୋଡ଼ାର ନାମ ହେଉଛି 'ବମ୍ବଲ୍'। ପୋଲାଣ୍ଡର ଲଡଜ୍‌ସ୍ଥ କାସକାଡା ଷ୍ଟଡ ପାର୍କର ଏହି ଘୋଡ଼ାର ଉଚ୍ଚତା ମାତ୍ର ୧ଫୁଟ ୧୦ ଇଞ୍ଚ। ତେଣୁ ତାକୁ ପୃଥିବୀର ସବୁଠାରୁ ଛୋଟ ଘୋଡ଼ା ଭାବେ ଗଣନା କରାଯାଏ। ବମ୍ବଲ୍‌ର ମାତା ପିତାଙ୍କ ଆକାର ସାଧାରଣ ଘୋଡ଼ା ପରି ହୋଇଥିଲେ ହେଁ ବମ୍ବଲ ଏକ ବାମନ ଘୋଡ଼ା। ଆକାରରେ ଛୋଟ ହେଲେ ବି ସେ ସମସ୍ତଙ୍କର ବେଶ୍ ପ୍ରିୟ।









## କାର୍ଟୁନ କର୍ନର



# ପ୍ରଶ୍ନ ଏକ, ଉତ୍ତର ଅଲଗା - ତାହା ହିଁ ଜୀବନ

କିଏ କେତେ କାଳ ବଞ୍ଚିବ ମରିବ ସେ ତ ନୁହେଁ ବଡ଼ କଥା । ଧର୍ମ କର୍ମ ଯଦି କିଛି କଲ ନାହିଁ ତେବେ ବଞ୍ଚିବାଟା ବୃଥା –

ଜଣେ ବୟସ୍କ ପିତୃ ପ୍ରତିମ ପାଲାକାର ସେଦିନ ସନ୍ନ୍ୟାସୀକୁ କହୁଥିଲେ ଏ କଥା । ଅର୍ଜିତ ଧନକୁ ନ ଖାଇ ନ ପିଇ ସଞ୍ଚି ବୁଢ଼ା ମାଙ୍କଡ଼ ପରି ସତୁରି, ଅଶୀ, ନବେ ବର୍ଷ ବଞ୍ଚିବାରେ କି ଲାଭ ? ମଲା ପରେ ଧନକୁ କ'ଣ ବୋହି କି ନେବ ? ଜୀବନର ଏଇ ସୁକ୍ଷ୍ମ ତତ୍ତ୍ୱ ଗୁଡ଼ିକୁ କିଏ ବୁଝେ କହିଲେ ? ଅନ୍ୟମାନେ ଯାହା ବୁଝି କାମରେ ଲଗାନ୍ତେ କିନ୍ତୁ ଏ କଥା ଗୁଡିକ ଗଳା ଫଟାଇ କହୁଥିବା ଲୋକଗୁଡ଼ିକ ଯେତେବେଳେ ନିଜେ ଏହାର ଓଲଟା କାର୍ଯ୍ୟ କରିବସନ୍ତି ସେତେବେଳେ ଅନ୍ୟମାନଙ୍କର ବିଶ୍ୱାସ ଭାଙ୍ଗିଯାଏ । ଏ ସଂସାର ମାୟା, ମିଛ



## ଚିନ୍ମୟ ଚିନ୍ତନ

**ଶ୍ରୀ ସନ୍ନ୍ୟାସୀ ଜୀ**

ଏବଂ ପ୍ରହେଳିକାମୟ ବୋଲି ଯିଏ କହୁଥାଏ ସେ ହିଁ ରାତି ପାହିଲେ କାହା ହିଡ଼କୁ ହାଣି ପାଖ ବିଲ ଆଡକୁ ଚାଖଣ୍ଡେ ମାଡି ଯାଇ ଏତକ 'ମୋ ଜାଗା' ବୋଲି କହି ପଡ଼ୋଶୀକୁ ହଇରାଣରେ ପକାଏ । ଗେରୁଆ, ଧଳା ପିନ୍ଧି ନିଜକୁ ଧାର୍ମିକ ଦେଖାଇ ହେଉଥିବେ, ତେଣେ ପର ଝିଅ ବୋହୂଙ୍କୁ କଣେଇ କଣେଇ ଚାହୁଁଥିବେ । ଯେଉଁମାନେ ଧର୍ମ, ଆଧ୍ୟାତ୍ମିକତା କ'ଣ ଜାଣନ୍ତି ନାହିଁ ସେମାନେ ଯଦି କିଛି ଅନ୍ୟାୟ, ଅନୀତି ଓ ଅଧର୍ମ କାମ କରନ୍ତି ତେବେ ସେଥିରେ ବିସ୍ମିତ ହେବାର କିଛି ନାହିଁ । କିନ୍ତୁ ଜଣେ ଚିତା ଚୈତନ କାଟି, ଦାଢ଼ି, ଜଟ ରଖି ଯଦି କୁକର୍ମ କଲା ତେବେ ସମାଜ ପାଇଁ ସେଇମାନେ ହିଁ ହେଉଛନ୍ତି ମାରାତ୍ମକ ଓମିକ୍ରନ ।

ଧର୍ମକୁ ଉତ୍ତମ ଭାବେ ବୁଝିଥିବା ଲୋକ କେବେ ବି ନିଜ ପ୍ରାଚୀରକୁ ବଳପୂର୍ବକ ପଡୋଶୀ ଜାଗା ଆଡକୁ ମଡ଼େଇବ ନାହିଁ । ଧନ ଦ୍ରବ୍ୟରେ ସେ କାହାକୁ ଠକିବ ନାହିଁ । ସମସ୍ତଙ୍କୁ ମଧୁର କଥା କହିବ । ନିଜର ସମୟକୁ ଧର୍ମ କର୍ମରେ ଲଗାଇବ । କାରଣ ସେ ଭଲ ଭାବେ ଜାଣିଛି ଜୀବନର ଅନ୍ତିମ ପରିଣତି କଣ ।

ସେଦିନ ପ୍ରବଚନରେ ସନ୍ଥ ଜଣକ ଯେଉଁ ଗପଟି କହୁଥିଲେ ତାହା ଠିକ୍ ଏହିଭଳି । ଜଣେ ଧାର୍ମିକ ସେଠ ଥିଲେ । ସେ ସାଧୁ ସନ୍ଥଙ୍କୁ ଭଲ ପାଉଥିଲେ । ଗାଁକୁ କୋଉ ବାବାଜୀ ବୈଷ୍ଣବ ଆସିଲେ ସେ ନିଜ ଘରକୁ ପାଛୋଟି ଆଣି ତାଙ୍କର ସେବା ଶୁଶ୍ରୂଷା କରୁଥିଲେ । ଦିନେ ତାଙ୍କ ଗାଁକୁ ଜଣେ ସାଧୁ ପ୍ରବଚନ ଦେବାକୁ ଆସିଥିଲେ । ଏ ସେଠ ଜଣକ ଉକ୍ତ ସାଧୁଙ୍କୁ ନିଜ ଘରେ ରାତ୍ରି ଭୋଜନରେ ଆପ୍ୟାୟିତ କରିବା ନିମନ୍ତେ ଘରକୁ ଡାକି ଆଣିଲେ । ସବୁ ପ୍ରକାର ବ୍ୟବସ୍ଥା କରି କୌଣସି ଜରୁରୀ କାର୍ଯ୍ୟରେ ସେ ନିକଟସ୍ଥ ବଜାରକୁ ଚାଲିଗଲେ ।

ଏଣେ ସାଧୁ ଭୋଜନ କରୁଥିବା ବେଳେ ସେଠଙ୍କ ଧର୍ମପତ୍ନୀ ସେଠାଣୀଙ୍କୁ ଏମିତି ଗପସପ କରିବା ଭିତରେ ପଚାରିଲେ – ଆପଣଙ୍କ ସନ୍ତାନ ସନ୍ତତି କେତେ ? ଆପଣଙ୍କ କୃପାରୁ ଆମର ଚାରି ପୁତ୍ର ଆଜ୍ଞା – ମୁଣ୍ଡରେ ଓଢଣି ଟାଣି ସେଠାଣୀ ଉତ୍ତର ଦେଲେ ।



ସାଧୁ ପୁଣି ପଚାରିଲେ – ଆପଣଙ୍କ ଧନରତ୍ନ ସବୁ କେତେ ? ସ୍ମିତ ହାସ୍ୟ ପ୍ରକାଶ କରି ସେଠାଣୀ କହିଲେ ପ୍ରଭୁଙ୍କ କୃପାରୁ ଅଞ୍ଚଳ ଲୋକେ ଆମକୁ କୋଟିପତି ବୋଲି କୁହନ୍ତି ।

କାମ ସାରି ସେଠ ଘରେ ଆସି ପହଞ୍ଚିଲେ । ସେତେବେଳକୁ ସାଧୁଙ୍କ ଭୋଜନ ବି ଶେଷ ହୋଇ ଯାଇଥାଏ । ସାଧୁଙ୍କ ରହିବାର ବ୍ୟବସ୍ଥା ନିକଟସ୍ଥ ଏକ ମନ୍ଦିରରେ କରାଯାଇଥିବାରୁ ସେଠ ସାଧୁଙ୍କ ସହ ମନ୍ଦିର ପର୍ଯ୍ୟନ୍ତ ଯାଉଥିବା ବେଳେ କାହିଁକି କେଜାଣି ସେଠାଣୀଙ୍କୁ ପଚାରିଥିବା ପ୍ରଶ୍ନଗୁଡିକୁ ପୁଣି ଦୋହରାଇ ସେଠଙ୍କୁ ପଚାରିଲେ – ଆପଣଙ୍କ ପୁଅ ଝିଅ କେତେ ?

ମୋର ତ ଝିଅ ନାହାନ୍ତି । କେବଳ ଗୋଟିଏ ମାତ୍ର ପୁଅ ଅଛି – ସେଠ ଉତ୍ତର ଦେଲେ ।

ସାଧୁ ଚକିତ ହୋଇଗଲେ । ସେଠାଣୀ ତ କହୁଥିଲେ 'ଚାରି' ବୋଲି କିନ୍ତୁ ସେଠ କହୁଛନ୍ତି 'ଏକ' ! ଏ ଦୁଇ ଜଣଙ୍କ ମଧ୍ୟରୁ କିଏ ସତ କହୁଛନ୍ତି ?

ସନ୍ଥ ପୁଣି ଦ୍ୱିତୀୟ ପ୍ରଶ୍ନ ପଚାରିଲେ – ଆପଣଙ୍କ ପାଖରେ ଧନରତ୍ନ କେତେ ଅଛି ? ସେଠ ଉତ୍ତର ଦେଲେ – ମାତ୍ର ପଚିଶ ହଜାର ଟଙ୍କା ।

ସାଧୁ ଆହୁରି ବିସ୍ମିତ ହେଲେ । ସେଠଙ୍କୁ କୋଟିପତି ବୋଲି ସମସ୍ତେ ଜାଣନ୍ତି । କିନ୍ତୁ ସେ ତାଙ୍କର ପୁଞ୍ଜି ପଚିଶ ହଜାର ବୋଲି କହୁଛନ୍ତି କେମିତି !!

କାଳେ ସେଠ କିଛି ଲୁଚାଉ ଥିବେ – ଏଇୟା ଭାବି ସାଧୁ ଏବେ ତୃତୀୟ ପ୍ରଶ୍ନ ପଚାରିଲେ । ଆପଣଙ୍କ ଆୟୁ କେତେ ? ସେଠ କହିଲେ 'ମାତ୍ର ଚାଳିଶ ବର୍ଷ' । ସେଠଙ୍କ ଚୁଟି ସବୁ ଧଳା ହୋଇଗଲାଣି । ଚର୍ମ ଲୋଚାକୋଚା । ଏସବୁକୁ ଦେଖିଲେ ଯେ କେହିବି ତାଙ୍କର ବୟସ ସତୁରି କି ପଚସ୍ତରି ବୋଲି କହିବ । କିନ୍ତୁ ଇଏ କହୁଛନ୍ତି କ'ଣ ନା ଚାଳିଶ । ସାଧୁ ଏଥର ଆଉ ସମ୍ଭାଳି ପାରିଲେ ନାହିଁ । ଏପରି ଉତ୍ତରର ରହସ୍ୟ ବାବଦରେ ସେ ସେଠଙ୍କୁ ସିଧା ପଚାରି ବସିଲେ ।

ସହଜ ସୁଲଭ ଢଙ୍ଗରେ ସେଠ କହିଲେ, ଆପଣଙ୍କ ପ୍ରଥମ ପ୍ରଶ୍ନ ଥିଲା– ମୋ ପୁଅ ଝିଅ ବାବଦରେ । ବାସ୍ତବରେ ମୋର ଚାରିପୁଅ । ଏମାନଙ୍କ ମଧ୍ୟରୁ କେବଳ ଜଣେ ହିଁ ଧାର୍ମିକ ଆଉ ଆଜ୍ଞାକାରୀ । ସେଇ ହିସାବରେ କହିଲି ଯେ ପ୍ରକୃତରେ ମୋର ଗୋଟିଏ ପୁତ୍ର ।

ଆପଣଙ୍କ ଦ୍ୱିତୀୟ ପ୍ରଶ୍ନ ଥିଲା ଧନକୁ ନେଇ । ମୋ ପାଖରେ ଯଦିଓ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ବାଡ଼ି ଅଛି କିନ୍ତୁ ମୁଁ ମଲା ପରେ ଏହା ମୋ ପୁଅ ନାତିମାନଙ୍କ ପାଖକୁ ପଳେଇବ । ଏଥିରେ ମୋର ଲାଭ କ'ଣ ? ଆଜି ପର୍ଯ୍ୟନ୍ତ ପର ଉପକାରରେ, ଧର୍ମ କାର୍ଯ୍ୟରେ ମୁଁ ମାତ୍ର ପଚିଶ ହଜାର ଟଙ୍କା ଖର୍ଚ୍ଚ କରିଛି । ଏହି ପଇସାର ପୁଣ୍ୟ ହିଁ ମଲା ପରେ ମୋ ସହିତ ଯିବ । ତାହା ହିଁ ମୋର ପ୍ରକୃତ ଧନ । ସାଧୁ ସେଠଙ୍କୁ ମନେ ମନେ ତାରିଫ କରୁଥିଲା ବେଳେ ସେଠ ନିଜ ତୃତୀୟ ଉତ୍ତରର ସ୍ପଷ୍ଟୀକରଣ ଦେଇ କହିଲେ ଯେ, ମୋର ବୟସ ହେଉଛି ପ୍ରକୃତରେ ଅଶୀ । କିନ୍ତୁ ମୁଁ ଚାଳିଶ କହିଲି ଏଇଥିପାଇଁ ଯେ ଆଜକୁ ଚାଳିଶ ବର୍ଷ ତଳେ ମୁଁ ଜଣେ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ଏକ ଆଧ୍ୟାତ୍ମିକମୟ ଜୀବନ ଯାପନ କରୁଛି । ପ୍ରଥମ ଚାଳିଶ ବର୍ଷ ବେକାରରେ ବିତି ଯାଇଥିବାରୁ ପର ଚାଳିଶ ବର୍ଷ ହିଁ ମୋର ପ୍ରକୃତ ଆୟୁ ବୋଲି ମୁଁ ମନେ କରେ ।

ପାଠକେ ! ସେଠଙ୍କ ମତିଗତି ହିଁ ପ୍ରମାଣ କରେ ଯେ, ସେ ପ୍ରକୃତରେ ଜଣେ ଧାର୍ମିକ ବ୍ୟକ୍ତି । ପ୍ରତ୍ୟେକ ଧାର୍ମିକ ବ୍ୟକ୍ତିର ଏପରି ମାନସିକତା ରହିବା ନିତାନ୍ତ ଜରୁରୀ । ଭିତରଟାକୁ ଠିକ୍ ନ କରି କେବଳ ଅନ୍ୟକୁ ଦେଖାଇ ହେବାକୁ ଯାଇ ଦେହ ସାରା ଅଢେଇଶ ଗ୍ରାମ୍‌ର ତିଳକ ବୋଳି, ଚୁଟିରେ ବର କ୍ଷୀର ବୋଳି ଜଟା ତିଆରି କରି ଗେରୁଆ ପିନ୍ଧି ବୁଲିଲେ ଲୋକେ ତ ହସିବେ ବରଂ ଦରକାର ପଡ଼ିଲେ ହାତ ଉଠାଇବାକୁ ବି ପଛଘୁଞ୍ଚା ଦେବେନି ।


*– ଦିବ୍ୟାଲୋକ ସଂଧାନେ, ରାମନଗର,*
*ତେଲେଙ୍ଗାପେଣ୍ଠ, କଟକ, ମୋ – ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଅକ୍ଷରର ଜହ୍ନ

**ଲେଖକ–ମାନମୟୀ ରଥ**
**ପ୍ରକାଶକ–ପଶ୍ଚିମା ପବ୍ଲିକେଶନ୍ସ**
**ମୂଲ୍ୟ –୧୩୦ଟଙ୍କା**


ଅକ୍ଷରର ଜହ୍ନ ଚିତ୍ରକର, କବି ମାନମୟୀ ରଥଙ୍କର ପ୍ରଥମ ଗଳ୍ପ ସଂକଳନ । ପଶ୍ଚିମା ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ ୧୩୬ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକରେ ଚାଳିଶଟି ଗଳ୍ପ ସନ୍ନିବିଷ୍ଟ। ସାଧାରଣ ଜୀବନର ଦ୍ୱନ୍ଦ୍ୱ, ସଂଘାତ ଓ ଆକାଂକ୍ଷା ତାଙ୍କ ଗପଗୁଡିକର ଉପଜୀବ୍ୟ । ଭଙ୍ଗୁରପ୍ରବଣ ଜୀବନର ସୁଖ ଦୁଃଖ ଆଶା ନିରାଶା ତାଙ୍କ ଗପରେ ପ୍ରାଣବନ୍ତ ହୋଇ ପ୍ରକଟିତ ହୁଏ । ସବୁ ସଂଘାତ ଭିତରେ ଜୀବନର ଯେ ସ୍ୱାଦ ଅଛି ଏହା ତାଙ୍କ ଗପ ଗୁଡିକରେ ପ୍ରତିଫଳିତ । ଜୀବନର ବିଡ଼ମ୍ବିତ ସ୍ଥିତିରେ ମଧ୍ୟ ଜୀବନର ମହତ୍ତ୍ୱ ପ୍ରତିପାଦିତ କରିବାରେ ସେ ସଫଳ । ସହଜ ସରଳ କଥନ ଭଙ୍ଗୀ ତାଙ୍କ ଗପକୁ ଦିଏ ସ୍ୱତନ୍ତ୍ର ଆଙ୍ଗିକ। ମଣିଷର ଶୋଷଣ ଓ ଦୟନୀୟ ସ୍ଥିତି ପ୍ରତି ତାଙ୍କ ବର୍ଣ୍ଣନାରେ ଥାଏ ବିଦ୍ରୁପ। ମଣିଷର ଅଧାରିତ ଭାଗ୍ୟ ଓ ଉଦ୍ଭଟ ଅବସ୍ଥା ପ୍ରତି ତାଙ୍କ ଗପରେ ଦେଖିବାକୁ ମିଳେ ବିପୁଳ ସହାନୁଭୂତି। ବ୍ୟଞ୍ଜନାମୟ ପ୍ରକାଶଭଙ୍ଗୀ ତାଙ୍କ ଗପଗୁଡିକୁ ସ୍ୱତନ୍ତ୍ର ଆଙ୍ଗିକ ମଣ୍ଡିତ କରିଥାଏ । ଅକ୍ଷରର ଜହ୍ନ ପାଠକୀୟ ଆଦୃତି ଲାଭ କରିବ ନିଶ୍ଚୟ ।




### ଢଳିଗଲା ବନ

**ଲେଖକ–ଗୁରୁକଲ୍ୟାଣ ମହାପାତ୍ର**
**ପ୍ରକାଶକ–ଦକ୍ଷ ବୁକ୍ସ, ଭୁବନେଶ୍ୱର**
**ମୂଲ୍ୟ–୧୨୦ଟଙ୍କା**

ଢଳିଗଲା ବନ ଗୁରୁକଲ୍ୟାଣ ମହାପାତ୍ରଙ୍କ କବିତା ପୁସ୍ତକ। ଏଥିରେ ୫୨ଟି କବିତା ସ୍ଥାନ ପାଇଛି। ପ୍ରଥମ କବିତାର 'ସକାଳ'ଏଥିରେ କବି ଲେଖିଛନ୍ତି,'' ଗୋଟିଏ ହାତରେ ତୀକ୍ଷ୍ଣଣ କୃପାଣଟି ଚିକ୍‌ଚିକ୍ କରୁଥାଏ ତ/ଆରଟି ହାତରେ ନୂତନତାର ଦିହୁଡିଟି ଜଳିଜଳି ଆଲୋକିତ କରୁଥାଏ/ ତା' ଚାରିପଟେ ବେଢ଼ିଥିବା ସମର ବିଶ୍ୱକୁ।''ଚମତ୍କାର ଭାବେ ଏଥିରେ ଜୀବନ କିପରି ଦିହୁଡି ଦ୍ୱାରା ଜଳିଜଳି ଆଲୋକିତ ହୋଇ ବିଶ୍ୱକୁ ଆଲୋକ ପ୍ରଦାନ କରୁଛି ସେ କଥା କବି କହିଛନ୍ତି। ଶେଷ କବିତାର ଶୀର୍ଷକ ହେଉଛି 'ଇତିହାସ'। ସେଥିରେ କବି ''ପୁରୁଣା ହେଲେ ବି ତାକୁ ପୁରାଣ ଆଖ୍ୟା ଦିଆଯାଏ ନାହିଁ ସାଧାରଣତଃ/ ଥିଲାବାଲାଙ୍କର ବିକୃତ ମାନସିକତା ।'' ମଣିଷ ମାନସିକତା କେତେ ନିକୃଷ୍ଟ ଆଉ ହୀନ ହୋଇଛି ସେ ତାକୁ କବିତା ମାଧ୍ୟମରେ ପରଷିଛନ୍ତି। ପ୍ରୀତି ଓ ପ୍ରତିତୀକୁ ନେଇ ଆପଣାର କବିତାଗୁଡିକରେ ନିଚ୍ଛକ ଭାବେ ପ୍ରକାଶ କରିଥିବା କବି ଗୁରୁକଲ୍ୟାଣଙ୍କ ପୁସ୍ତକଟି ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ ସନ୍ଦେହ ନାହିଁ।




### ଶିରୋଧାର୍ଯ୍ୟ ଶିରୋନାମା

**ଲେଖକ– ବିଷ୍ଣୁ ସେଠୀ**
**ପ୍ରକାଶକ– ସାଇ ଯମୁନା ପବ୍ଲିକେଶନ, କଟକ**
**ମୂଲ୍ୟ –୧୨୦ଟଙ୍କା**

ଶିରୋଧାର୍ଯ୍ୟ ଶିରୋନାମା ବିଷ୍ଣୁ ସେଠୀଙ୍କ ପୁସ୍ତକ। ଏଥିରେ ୪୬ଟି ପ୍ରବନ୍ଧ ସ୍ଥାନ ପାଇଛି। କବିତା ଲେଖାରୁ ଜୀବନ ଆରମ୍ଭ କରିଥିବା ଲେଖକ କିଭଳି ଚମତ୍କାର ପ୍ରବନ୍ଧ ଲେଖି ପାଠକଙ୍କୁ ଭେଟି ଦେଇଛନ୍ତି ତାହା ପୁସ୍ତକଟିରୁ ଅନୁମେୟ। ରାଜନୀତି– ସାହିତ୍ୟ ଏ ଦୁଇଟି କ୍ଷେତ୍ରରେ ଜୀବନ ଉତ୍ସର୍ଗ କରି ଏଥିମଧ୍ୟରେ କେଉଁବାଟେ ଦୀର୍ଘ ୩୦ ବର୍ଷ ବିତିଗଲାଣି ତାହା ଲେଖକ ଜାଣି ପାରିନାହାନ୍ତି। ପ୍ରବନ୍ଧ କାଟଛାଣ୍ଟ ହେଲେ ସାମାନ୍ୟ ଭାବାବେଗରେ ଉତୁରି ଉଠେ ହାଲୁକା ପ୍ରସଙ୍ଗଟିଏ ହୋଇ, ଯାହାକୁ ଲଳିତ ନିବନ୍ଧ କୁହାଯାଇପାରେ। ଲେଖକ ପୁସ୍ତକରେ ଯେଉଁ ପ୍ରସଙ୍ଗଗୁଡ଼ିକୁ ସ୍ଥାନ ଦେଇଛନ୍ତି ତାହା ନିଚ୍ଛକ ଆଉ ଅଙ୍ଗେନିଭା। ଲେଖକ ସେଠୀ ବହୁ କଳା, ସାହିତ୍ୟ, ସଂସ୍କୃତି, ସମାଜସେବା ଓ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ତାଙ୍କ ଅଭିଜ୍ଞତା ଆଉ ଅନୁଭବକୁ ନେଇ ଶିରୋଧାର୍ଯ୍ୟ ଶିରୋନାମାର ଜନ୍ମ। ସେ ଏକାଧାରରେ ଜଣେ କବି, ଗୀତିକାର, ସଂଗଠକ ଓ ଜନସେବକ। ଆଶା ପୁସ୍ତକଟି ନିଶ୍ଚୟ ସାହିତ୍ୟ ଓ ରାଜନୀତିରେ ରୁଚି ରଖୁଥିବା ପାଠକଙ୍କ ପାଇଁ ଆଦୃତ ହେବ ।



# ଥ୍ରୀ ଡି ଅଲ୍ଟ୍ରା ସାଉଣ୍ଡ

ବାପାମା’ ହେବା ସୌଭାଗ୍ୟର କଥା। ଏହା ଏମିତି ଏକ ଖୁସି ଯାହାକୁ ଉପଲବ୍ଧ କରିବାକୁ ସମସ୍ତେ ଚାହାନ୍ତି। ତେବେ ଜନ୍ମ ହେବା ପୂର୍ବରୁ ମା’ ଛୁଆର ଉପସ୍ଥିତିକୁ ନିଜ ଗର୍ଭରେ ବେଶ୍ ଅନୁଭବି ପାରିଥାଏ। ଆଉ ସେ ଅନୁଭୂତି ସବୁଠୁ ନିଆରା। ତା’ସହ ଅଲ୍ଟ୍ରା ସାଉଣ୍ଡ ମାଧ୍ୟମରେ ଗର୍ଭସ୍ଥ ଶିଶୁର ସ୍ଥିତି ଓ ଆକାର ଦେଖିବା ଏକ ଅଫୁରନ୍ତ ଖୁସି ଆଣିଦେଇଥାଏ। ହେଲେ ଯେଉଁ ଦମ୍ପତି ଦୃଷ୍ଟିହୀନ ସେମାନେ ଅଲ୍ଟ୍ରାସାଉଣ୍ଡ ମାଧ୍ୟମରେ ଗର୍ଭସ୍ଥ ଶିଶୁକୁ ଦେଖିବାର ସୌଭାଗ୍ୟ ପାଇ ପାରି ନ ଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଆସିଯାଇଛି ଥ୍ରୀ ଡି ଅଲ୍ଟ୍ରାସାଉଣ୍ଡ ସୁବିଧା। ପୋଲାଣ୍ଡର ଏକ କମ୍ପାନୀ ଏହି ପଦ୍ଧତିକୁ ବିକଶିତ କରିଛନ୍ତି। ଏହି କମ୍ପାନୀ ମା’ ଗର୍ଭରେ ବଢୁଥିବା ଶିଶୁର ଅଲ୍ଟ୍ରାସାଉଣ୍ଡ ଇମେଜ୍‌କୁ ଥ୍ରୀ ଡି ମଡେଲରେ ରୂପାନ୍ତର କରୁଛି। ଫଳରେ ଦୃଷ୍ଟିହୀନ ଦମ୍ପତି ତାକୁ ସ୍ପର୍ଶ କରି ଗର୍ଭସ୍ଥ ଶିଶୁକୁ ଅନୁଭବ କରିପାରୁଛନ୍ତି। ଏହି ଥ୍ରୀ ଡି ମଡେଲକୁ କମ୍ପାନୀ ନନ୍ ଟକ୍ସିକ୍ ବାୟୋପ୍ଲାଷ୍ଟିକରେ



ତିଆରି କରୁଛି ; ଯଦ୍ଦ୍ୱାରା ମା’ ଓ ଶିଶୁ ପ୍ରତି କୌଣସି ବିପଦ ଆସି ନ ଥାଏ। କମ୍ପାନୀ ଦାବି କରୁଛି କି ସେମାନେ ନିଜ ଦେଶର କିଛି ଦୃଷ୍ଟିହୀନ ଦମ୍ପତିଙ୍କ ପାଇଁ ଉକ୍ତ ସୁବିଧା ଉପଲବ୍ଧ କରାଇବାରେ ସଫଳ ହୋଇଛନ୍ତି। ଆଗକୁ ଏହି ସୁବିଧା ବିଶ୍ୱର ଅନ୍ୟ କିଛି ଦେଶରେ ଉପଲବ୍ଧ କରାଇବାକୁ ବି ଚେଷ୍ଟା କରୁଛନ୍ତି।



# ଫୁଲ ଆକୃତିର ହେୟାରଷ୍ଟାଇଲ୍

କେଶସଜ୍ଜା ନାରୀ ଶୃଙ୍ଗାରର ଏକ ପ୍ରମୁଖ ଅଂଶ। ଏହା ନାରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ। ସାଧାରଣତଃ ପୋଷାକ ପରିପାଟୀ ଅନୁସାରେ ବିଭିନ୍ନ ପ୍ରକାରର କେଶସଜ୍ଜା କରାଯାଇଥାଏ। ତେବେ ଭିଏତ୍‌ନାମର ଗୁୟେନ ଫତ୍ ଟ୍ରି ନାମକ ଜଣେ ଯୁବ ହେୟାରଷ୍ଟାଇଲିଷ୍ଟ ଏବେ ଏକ ଭିନ୍ନ ଧରଣର ହେୟାରଷ୍ଟାଇଲ୍ କରି ବେଶ୍ ଚର୍ଚ୍ଚାରେ ଅଛନ୍ତି। ସେ ହେଉଛି ବେଶ୍ ଆକର୍ଷକ ଫ୍ଲୋରାଲ ହେୟାରଷ୍ଟାଇଲ୍। ୨୮ ବର୍ଷୀୟ ଗୁୟେନ୍ ୨୦୧୫ରେ ବାୟୋଟେକ୍ନୋଲୋଜିରେ ଡିଗ୍ରୀ ହାସଲ କରିଛନ୍ତି। ତେବେ ତାଙ୍କର ଆର୍ଟ ପ୍ରତି ପ୍ରବଳ ଦୁର୍ବଳତା ଥିଲା। ତେଣୁ ସେ ହୋ ଚି ମିନ୍ ସହର ଯାଇ ମେକ୍‌ଅପ୍ ଓ ହେୟାରଡ୍ରେସିଂ ଶିଖିବାକୁ ନିଷ୍ପତ୍ତି ନେଲେ। ପ୍ରଥମେ ଏହି ନିଷ୍ପତ୍ତି ଭୁଲ୍ ବୋଲି ଅନେକେ କହିଥିଲେ। ହେଲେ ଗୁୟେନ୍ ସମସ୍ତଙ୍କୁ ଭୁଲ୍ ପ୍ରମାଣିତ କରି କମ୍ ସମୟ ଭିତରେ ଭିଏତ୍‌ନାମର ଭଲ ହେୟାରଷ୍ଟାଇଲିଷ୍ଟ ହୋଇପାରିଥିଲେ। ସେ ବିଭିନ୍ନ ପ୍ରକାରର ଫ୍ଲୋରାଲ ଡିଜାଇନ୍‌ର ହେୟାର ଷ୍ଟାଇଲ୍ କରିଥାନ୍ତି। ସେହି ହେୟାର ଷ୍ଟାଇଲ୍ ବଡ଼ ବଡ଼ ଫୁଲ ଭଳି ହୋଇଥାଏ। ସେହି ଫୁଲ ହେୟାରଷ୍ଟାଇଲ୍ ଦେଖିବାକୁ ସତସତିକା ଫୁଲ ଭଳି ଦେଖାଯାଏ। ଆଉ ବେଶ୍ ଆକର୍ଷକ ହୋଇଥାଏ। ସିମ୍ପଲ ଡିଜାଇନ୍‌ର ଫୁଲ ହେୟାରଷ୍ଟାଇଲ୍ କରିବାକୁ ଗୋଟିଏରୁ ଦୁଇ ଦିନ ଲାଗିଥାଏ। ଆଉ ବଡ଼ ବଡ଼ ଜଟିଳ ହେୟାରଷ୍ଟାଇଲ୍ କରିବାକୁ ୨-୩ ମାସ ଲାଗେ। ତାଙ୍କର ଏହି ହେୟାରଷ୍ଟାଇଲ୍‌ର ଚାହିଦା ବହୁତ। ଆଉ ଏହାକୁ କରାଇବା ମୂଲ୍ୟ ବି ବହୁତ ଅଧିକ। ସରଳ ହେୟାରଷ୍ଟାଇଲ୍ ପ୍ରାୟ ୧୩୦ରୁ ୨୧୮ ଡଲାର ହୋଇଥିବାବେଳେ ଜଟିଳ ହେୟାରଷ୍ଟାଇଲ୍‌ର ମୂଲ୍ୟ ୨୧୮ରୁ ୩୦୫ ଡଲାର ହୋଇଥାଏ। ତେବେ ସେ ବହୁତ କମ୍ ଲୋକଙ୍କୁ ଏହି ସେବା ପ୍ରଦାନ କରନ୍ତି। ଆଉ ଏହି କଳାକୁ ଅଧିକରୁ ଅଧିକ ଅଭ୍ୟାସ କରନ୍ତି। ସେ ପଦ୍ମ ଫୁଲ, ମନ୍ଦାର ଫୁଲ, ଲିଲି, ଚନ୍ଦ୍ରମଲ୍ଲିକା ଭଳି ଆକର୍ଷକ ଫୁଲର ହେୟାରଷ୍ଟାଇଲ୍ କରିଥାନ୍ତି।

## ବ୍ୟାକ୍ ପେଜ୍







# ନୂଆବର୍ଷର ଭିନ୍ନ ଏକ ପରମ୍ପରା



ଦକ୍ଷିଣ ଆମେରିକାର ଇକ୍ୱେଡରରେ କାହିଁ କେଉଁକାଳରୁ ନବବର୍ଷକୁ ନେଇ ଚାଲିଆସିଛି ଭିନ୍ନ ଏକ ପରମ୍ପରା। ଏଠାରେ ନବବର୍ଷ ପୂର୍ବ ରାତିରେ ଲୋକେ ଏକ ପାଳଭୂତକୁ ଜାଳିଥାନ୍ତି। ଭାବୁଥିବେ ପାଳଭୂତକୁ ବା କାହିଁକି ନୂଆବର୍ଷ ସ୍ୱାଗତ ଅବସରରେ ଜଳାଯାଏ। ତେବେ କହି ରଖୁଛୁ ଏହା କୌଣସି ସାଧାରଣ ପାଳଭୂତ ନୁହେଁ। ଏଠାକାର ଅଧିବାସୀ ପୂର୍ବବର୍ଷର ସବୁ ତିକ୍ତ ଅନୁଭୂତିକୁ କାଗଜରେ ଲେଖି ତାକୁ ପାଳ ଭୂତ ଭିତରେ ଭର୍ତ୍ତି କରି ତିଆରି କରିଥାନ୍ତି। ତେବେ କେବଳ ତିକ୍ତ ଅନୁଭୂତିଭରା କାଗଜ ନୁହେଁ, ବରଂ ଖରାପ ଅନୁଭୂତି ଥିବା ଫଟୋଗ୍ରାଫ, କପଡା ଓ ବିଭିନ୍ନ ସାମଗ୍ରୀକୁ ମଧ୍ୟ ତା’ ଭିତରେ ରଖନ୍ତି। ଆଉ ସେହି ପାଳଭୂତକୁ ଏକ ମୁଖା ପିନ୍ଧାଇ ନବବର୍ଷ ପୂର୍ବ ଦିନର ମଧ୍ୟରାତ୍ରରେ ଜାଳି ଦିଅନ୍ତି। ଏଭଳି କରିବାର ଉଦ୍ଦେଶ୍ୟ ଥାଏ ସବୁ ପୁରୁଣା ତିକ୍ତ ଅନୁଭୂତିକୁ ଜାଳିପୋଡି ନଷ୍ଟ କରି ତଥା ସେସବୁକୁ ଭୁଲି ନୂଆ ଭାବେ ବର୍ଷ ଆରମ୍ଭ କରିବା। ସେମାନଙ୍କର ବିଶ୍ୱାସ ଥାଏ ଏଭଳି କଲେ ସୌଭାଗ୍ୟ ଓ ସୁଖଶାନ୍ତି ଆସିଥାଏ।